## ଜାଗର ଯାତ୍ରା ପାଇଁ ଶିବାଳୟ ଚଳଚଞ୍ଚଳ

ଲୋଇସିଂହା,(ଡି.ଏନ.ଏ): ଜାଗର ଯାତ୍ରା ପାଇଁ ବଲାଙ୍ଗୀର ଲୋଇସିଂହା ଓ ଆଗଲପୁର ବ୍ଲକରେ ଥିବା ଶିବାଳୟଗୁଡ଼ିକ ଚଳଚଞ୍ଚଳ ହୋଇଉଠିଥିଲା। ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଯୋଗେଶ୍ୱର ଧାମ, ବୁର୍ଡା ସ୍ୱପ୍ନେଶ୍ୱର ପୀଠ ସମେତ ଆଗଲପୁର ବ୍ଲକ ସନଟିକା ଜଳେଶ୍ୱର ପୀଠରେ ପୂଜାର୍ଚ୍ଚନା ଏବଂ ଦର୍ଶନ ପାଇଁ ସକାଳୁ ଭକ୍ତଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା । ଜାଗାର ଯାତ୍ରା ପାଇଁ ମାନସିକଧାରୀମାନେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ଉଜାଗର ରହିଥିଲେ। ମେଳା ଅବସରରେ ପୀଠରେ ଶିବପୁରାଣ, ଶ୍ରୀମଦ ଭାଗବତ ପାରାୟଣ, ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

### ସଂକ୍ଷେପରେ

## ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

ରୁପ୍ରାରୋଡ,୧୮ା୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡଠାରେ ଦିନିକିଆ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ମନୋରମା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଜିଲାରୁ ନର୍ଲା, ମ. ରାମପୁର, ରିଷିଡା, କର୍ଲାମୁଣ୍ଡା, ଭବାନୀପାଟଣା, ଲାଞ୍ଜିଗଡ, ପାଷ୍ଟିକୁଡ଼ି, ନିଶାନପୁର ତଥା ରୁପ୍ରାରୋଡରୁ ୨୬ଟି ଦଳ ଭାଗ ନେଇଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୨୫ଟି ମ୍ୟାଚ ହେଇଥିଲା। ଫାଇନାଲ ମ୍ୟାଚ ମ. ରାମପୁର ଓ ପାଷ୍ଟିକୁଡ଼ି ମଧ୍ୟରେ ହୋଇଥିଲା। ଏଥିରେ ପାଷ୍ଟିକୁଡ଼ି ୨-୦ରେ ଫାଇନାଲରେ ବିଜୟ ଲାଭ କରିଥିଲେ। ରୁପ୍ରାରୋଡର ପୁରୁଣା ଖେଳାଳି ସୁରେନ୍ଦ୍ର ଅଗ୍ରୱାଲ ଟ୍ରଫି ବଣ୍ଟନ କରିଥିଲେ।

## ରାସ୍ତାରେ ବୋହୁଛି ନର୍ଦ୍ଦମା ପାଣି



ପଲମ,୧୮ା୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନସ୍ଥ ନର୍ଲା ଭାରତୀୟ ଷ୍ଟେଟବ୍ୟାଙ୍କ ପାଖରେ ଦୀର୍ଘ ଦିନ ଧରି ନର୍ଦ୍ଦମା ପାଣି ଜମା ହୋଇ ରହୁଛି। ଆବର୍ଜନା ଯୁକ୍ତ ମଇଳା ପାଣି ଯୋଗୁ ମଶା ମାଛିଙ୍କ ପ୍ରକୋପ ବଢ଼ିବାରେ ଲାଗିଛି। ଫଳରେ ବ୍ୟାଙ୍କକୁ ଆସୁଥିବା ଉପଭୋକ୍ତା ନର୍ଦ୍ଦମା ପାଣିର ଦୁର୍ଗନ୍ଧ ଓ ମଶା ମାଛି ଯୋଗୁ ଅତିଷ୍ଠ ହୋଇ ପଡୁଛନ୍ତି। ମାଝିପଡାର ବ୍ୟାଙ୍କ ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସ ଯାଏ ସିମେଣ୍ଟ ଡ୍ରେନ ନିର୍ମିତ ହୋଇଥିବା ବେଳେ ସେଠାରୁ ବ୍ୟାଙ୍କ ସମ୍ମୁଖ ଦେଇ ୫୦ ମିଟର ଯାଏଁ ରାସ୍ତା କଡରେ ଦୁର୍ଗନ୍ଧ ପାଣି ଜମି ରହୁଛି। ଅଧିକ ପାଣି ଜମା ଯୋଗୁ ରାଜରାସ୍ତାକୁ ମାଡି ଯାଉଛି। ଡ୍ରେନ ନିର୍ମାଣ ପ୍ରସଙ୍ଗ ନେଇ ନର୍ଲା ସରପଞ୍ଚ ତନୁଜା ହରପାଲଙ୍କୁ ପଚାରିବାରୁ ସେ କହନ୍ତି ଡ୍ରେନ ପାଣିକୁ ନର୍ଲା କେନାଲର ଶେଷ ମୁଣ୍ଡରେ ପାକାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ ନର୍ଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀ ରାଜି ହେଲେ ନାହିଁ ବୋଲି କହିଥିଲେ। ଏହା ବ୍ୟକ୍ତିଗତ ଜାଗା ରହିଥିବା ଯୋଗୁ ଦୁର୍ଗନ୍ଧ ଡ୍ରେନ ପାଣି ଛାଡିବା ପାଇଁ ଜମି ମାଲିକମାନେ ରାଜି ହେଉନାହାନ୍ତି। ସୋକପିଟ ନିର୍ମାଣ ପାଇଁ ମଧ ସରକାରୀ ଜାଗା ନାହିଁ। ଡ୍ରେନ ନିର୍ମାଣ ପାଇଁ ବଜେଟ ରହିଥିଲେ ମଧ ତାହା ହୋଇପାରୁ ନାହିଁ। ଏହାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଆଦର୍ଶ ଶିକ୍ଷକ ମହମ୍ମଦ ଅମାନୁଦ୍ଦିନ ଖାନ୍‌ଙ୍କ ପରଲୋକ

ଭବାନୀପାଟଣା,୧୮ା୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ ସହରର ଲୋକପ୍ରିୟ ବ୍ୟକ୍ତି ତଥା ଅବସରପ୍ରାପ୍ତ



ଶିକ୍ଷକ ମହମ୍ମଦ ଅମାନୁଦ୍ଦିନ ଖାନ୍(୭୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଉଚ୍ଚକୋଟୀର ସଙ୍ଗୀତଜ୍ଞ ମଧ ଥିଲେ। ରାଜ୍ୟ ଓ ଜିଲାସ୍ତରୀୟ ସଙ୍ଗୀତ କାର୍ଯ୍ୟକ୍ରମରେ ସେ ଯୋଗଦେଇ ଉଚ୍ଚ ପ୍ରଶଂସିତ ହୋଇଥିବା ବେଳେ ଏକାଧିକବାର ପୁରସ୍କୃତ ମଧ ହୋଇଥିଲେ। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସେ ଆଜୀବନ ସଦସ୍ୟ ଥିଲେ। ଜିଲାର ଭାରତୀ ସଙ୍ଗୀତ ଅନୁଷ୍ଠାନ ମାଧମରେ ସେ ରାଜ୍ୟ ତଥା ରାଜ୍ୟ ବାହାରେ ସଙ୍ଗୀତ ପରିବେଷଣ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିଲେ। ୧୯୭୨ରୁ ୧୯୭୪ ଯାଏଁ ସେ ଧର୍ମଗଡ ହାଇସ୍କୁଲ ଇତିହାସ ବିଭାଗ ଶିକ୍ଷକ ଭାବେ ଅବସ୍ଥାପିତ ଥିଲେ। ପରେ ସେ ଦାସୀଗାଁ ଉନ୍ନୀତ ମଧ ଇଂଲିଶ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମେତ ଜୁନାଗଡ ବ୍ଲକ ଓ ବଲଧିଆମାଲ ମଧ ଇଂଲିଶ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ପାଠ ପଢାଇବା ସହ ସେ ଛାତ୍ରଛାତ୍ରୀମାନଙ୍କୁ ସଙ୍ଗୀତ ଓ ନୃତ୍ୟ ପାଇଁ ପ୍ରୋତ୍ସାହିତ କରୁଥିଲେ। ୨୦୦୬ରେ ସେ ଅବସର ଗ୍ରହଣ କରିଥିଲେ ହେଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ବିୟୋଗରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମେତ ବିଭିନ୍ନ ବ୍ୟକ୍ତି ବିଶେଷ ଗଭୀର ଶୋକ ପ୍ରକାଶ କରାଯାଇ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଛି।

# ହାତୀ ପାଇଁ ୮ ଦିନ ଅଘୋଷିତ ବିଦ୍ୟୁତ୍ କାଟ

### ଲାଞ୍ଜିଗଡ଼ ଅଞ୍ଚଳ

- ୬ଟି ଗ୍ରାମର ଯୁବଗୋଷ୍ଠୀ ଫରେଷ୍ଟ, ଇଲେକ୍ଟ୍ରି ଷ୍ଟ୍ରକଚର ଘେରାଉ
- ସ୍ଥାୟୀ ସମାଧାନ ନ ହେଲେ ବ୍ଲକ ମୁଖ୍ୟ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ ଚେତାବନୀ

ଲାଞ୍ଜିଗଡ,୧୮ା୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ ବ୍ଲକ ମୂଷାନାଳ ଓ ଲାଞ୍ଜିଗଡ଼ ସେକ୍ସନର ଲାଞ୍ଜିଗଡ଼ ଓ ଛତ୍ରପୁର ପଞ୍ଚାୟତ ଅଧୀନ ଟାଙ୍ଗନକଣା, ଗୋଇପଟା, ଲେପଟାଗୁଡା, ବାରବୁଲି, ଶାନ୍ତିନଗରପଡା ଓ କଲୋନୀ ପଡ଼ାରେ ହାତୀ ଆତଙ୍କ ପାଇଁ ୮ ଦିନ ହେଲା ସନ୍ଧ୍ୟା ହେଲେ ବିଦ୍ୟୁତ୍ କାଟ କରାଯାଉଛି। ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦ କରି ଶନିବାର ୬ଟି ଗ୍ରାମର ଯୁବଗୋଷ୍ଠୀ ଫରେଷ୍ଟ, ଇଲେକ୍ଟ୍ରି ଷ୍ଟ୍ରକଚର ଘେରାଉ କରିଛନ୍ତି। ବ୍ଲକର ବେଡାଗାଁ, ଲାଞ୍ଜି, କୁମଖାଲ, ଛତ୍ରପୁର, ବନ୍ଧପାରି ଆଦି ଗ୍ରାମପଞ୍ଚାୟତ ଅଞ୍ଚଳରେ ହାତୀଙ୍କ ଚଳପ୍ରଚଳ ଯୋଗୁ ସନ୍ଧ୍ୟା ନ ହେଉଣୁ ବିଦ୍ୟୁତ୍ କାଟ ହେଉଥିବାବେଳେ ଲାଞ୍ଜିଗଡ଼ ଓ ଛତ୍ରପୁର ଗ୍ରାମପଞ୍ଚାୟତ ଅଧୀନ ୬ଟି ଗାଁ ଟାଙ୍ଗନକନା, ଗୋଇପଟା, ଲେପଟାଗୁଡା, ବାରବୁଲି, ଶାନ୍ତିନଗର ପଡା ଓ କଲୋନୀ ପଡ଼ାରେ ସନ୍ଧ୍ୟା ୭ଟା ହେଲେ ମନଇଚ୍ଛା ବିଦ୍ୟୁତ୍ କାଟ ଯୋଗୁ ଲୋକେ ଅତିଷ୍ଠ ହୋଇ ପଡିଲେଣି। ବିଦ୍ୟୁତ୍ କାଟ ଯୋଗୁ ଛାତ୍ରୀଛାତ୍ର, ବୃଦ୍ଧବୃଦ୍ଧା, ରୋଗୀ ଓ ଶିଶୁମାନେ ବହୁ ହଇରାଣ ହେଉଛନ୍ତି। ବିଦ୍ୟୁତ୍ କାଟ ପ୍ରତିବାଦରେ ୬ଟି ଗ୍ରାମର ଯୁବକ ବାଲି



୬ ଗ୍ରାମର ଯୁବଗୋଷ୍ଠୀ ଇଲେକ୍ଟ୍ରି ଷ୍ଟ୍ରକଚର ଘେରାଉ କରିଛନ୍ତି।

ମାଝି, ଲଳିତ ହରିଜନ, ଅଚ୍ୟୁତ ମାଝି ବଳଭଦ୍ର ମାଝି, ଦିଲୀପ ହରିଜନ, ସୁଜନ ହରିଜନ, ଚେରୁ ହରିଜନ, ରାଜେନ୍ଦ୍ର ମାଝି, ରାମଚନ୍ଦ୍ର ମାଝି, ଦେବରାଜ ମାଝି ଓ ପୁରନ୍ଦର ମାଝି ଲାଞ୍ଜିଗଡ଼ ଫରେଷ୍ଟ କାର୍ଯ୍ୟାଳୟ ଓ ଲାଞ୍ଜିଗଡ଼ ଇଲେକ୍ଟ୍ରି ଷ୍ଟ୍ରକଚର ଯାଇ ପ୍ରତିବାଦ କରି ଘେରାଉ କରିଛନ୍ତି। ବିଶ୍ୱନାଥପୁରସ୍ଥିତ ମୁଖ୍ୟ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୧୨ ଦିନ ତଳେ ମୂଷାନାଳ ସେକ୍ସନ ଛତ୍ରପୁର ପଞ୍ଚାୟତ ଅଧୀନ ଲେପଟାଗୁଡା ଓ ବାରବୁଲି ଗ୍ରାମକୁ ଏକ ୧୦ ଟିକିଆ ହାତୀପଲ ଆସିଥିଲେ। ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ ଫୋନ ମେସେଜ ଅନୁଯାୟୀ ବିଦ୍ୟୁତ୍ ବିଭାଗ ସେହି ଅଞ୍ଚଳର ବିଦ୍ୟୁତ୍ କାଟ କରିଥିବା ବେଳେ ଗ୍ରାମବାସୀ ଓ ବନ ବିଭାଗ ମିଳିତ ଭାବେ ହାତୀ ଘଉଡ଼ାଇ ଥିଲେ। ହେଲେ ହାତୀ ସେହି ଅଞ୍ଚଳରୁ ଯାଇ ଆଜକୁ ୮ ଦିନରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପୂର୍ବପରି ପ୍ରତିଦିନ ସନ୍ଧ୍ୟାରେ ବିଦ୍ୟୁତ୍ କଟା କରାଯାଉଛି। ଛାତ୍ରୀଛାତ୍ରଙ୍କ ବୋର୍ଡ ପରୀକ୍ଷା ଆସୁଥିବା ବେଳେ ବିଦ୍ୟୁତ୍ କାଟ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ଏ ନେଇ ଗାଁ ଲୋକେ ଲାଞ୍ଜିଗଡ଼ ଯାଇ ପଚାରିଥିବା ବେଳେ ଲାଞ୍ଜିଗଡ଼ ବ୍ଲକ ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୌଦାଗର ମେହେର ପ୍ରତିଦିନ ସନ୍ଧ୍ୟାରେ ବିଦ୍ୟୁତ୍ କାଟିବାକୁ ଆମକୁ ଫୋନ ମାଧ୍ୟମରେ ମେସେଜ ଦେବାରୁ ଆମେ ବିଦ୍ୟୁତ୍ କାଟି ଯାଉଛୁ ବୋଲି ଷ୍ଟକଚର କର୍ମଚାରୀମାନେ କହିଛନ୍ତି। ଏ ନେଇ ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝିଙ୍କୁ ପଚାରିବାରୁ ବର୍ତ୍ତମାନ ହାତୀ ସେହି ଅଞ୍ଚଳରେ ନାହିଁ । କୁମଖାଲ ପଞ୍ଚାୟତ ପ୍ରତିବେଡା ଗାଁ ନିକଟ ଜଙ୍ଗଲରେ ହାତୀ ଥିବା ଜଣାପଡିଛି। ମୁଁ ସେହି ଅଞ୍ଚଳର ଲାଇନ କାଟିବା ପାଇଁ ବିଦ୍ୟୁତ୍ ବିଭାଗକୁ କହିନାହୁଁ ବୋଲି ପ୍ରକାଶ କରିଥିଲେ। ଲାଞ୍ଜିଗଡ଼ ଫରେଷ୍ଟର ଜଗନ୍ନାଥ ନାଗଙ୍କୁ ପଚାରିବାରୁ ଆମ ଫରେଷ୍ଟ ଅଞ୍ଚଳରେ ହାତୀ ନାହିଁ କିମ୍ବା ବିଦ୍ୟୁତ୍ ବିଭାଗକୁ ବିଦ୍ୟୁତ୍ କାଟ ପାଇଁ ମେସେଜ ଦିଆଯାଇ ନାହିଁ ବୋଲି କହିଥିଲେ। ଏ ନେଇ ବ୍ଲକ ବିଦ୍ୟୁତ୍ ଦାୟିତ୍ୱରେ ଥିବା ଯନ୍ତ୍ରୀ ମେହେରଙ୍କୁ ଯୋଗାଯୋଗ କରିଥିଲେ ମଧ ତାଙ୍କ ଫୋନ ସୁଇଜ ଅଫ ଥିଲା। ବିଦ୍ୟୁତ୍‌କାଟ ସମସ୍ୟା ସ୍ଥାୟୀ ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନିମ୍ନମାନର ଶ୍ରେଣୀ ଗୃହ ନିର୍ମାଣ, ଗ୍ରାମବାସୀଙ୍କ ବିରୋଧ



ବିଜାପାଟି ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ନିର୍ମାଣ ନୂତନ ଶ୍ରେଣୀ ଗୃହ।

କର୍ଲାମୁଣ୍ଡା,୧୮ା୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟି ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ଏହାକୁ ଗ୍ରାମବାସୀ ବିରୋଧ କରି କାମ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୨୦୨୧-୨୨ରେ ବିକେବିକେ ଅନୁଦାନରୁ ୬ ଲକ୍ଷ ଟଙ୍କା ଅଟକଳରେ ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା ନୂତନ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। କାର୍ଯ୍ୟ ନିମ୍ନମାନର ହେଇଥିବାରୁ ଝରକା କଂକ୍ରିଟ ତାଜା ଶନିବାର ଭୁଶୁ ପଡିବା ପରେ ଗ୍ରାମବାସୀ କାର୍ଯ୍ୟକୁ ବନ୍ଦ କରିଥିବା ଜଣାପଡ଼ିଛି। ଅନ୍ୟପଟେ କାର୍ଯ୍ୟ ବିଭାଗୀୟ ହୋଇଥିଲେ ହେଁ ଦାୟିତ୍ୱରେ ଥିବା ଯନ୍ତ୍ରୀ ଜଣକ ନିର୍ମାଣ କାର୍ଯ୍ୟ ତଦାରଖ କରୁ ନ ଥିବାରୁ ଏପରି ହେଉଥିବା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଅଭିଯୋଗ କରିବା ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଏ ନେଇ ଯନ୍ତ୍ରୀଙ୍କୁ ଯୋଗେ ଯୋଗାଯୋଗ କରିଥିଲେ ମଧ ତାଙ୍କ ଫୋନ ବନ୍ଦ ରହିଥିବାରୁ ମତାମତ ମିଳି ପାରିନାହିଁ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ସିନାପାଲି,୧୮ା୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦଶମ ବାର୍ଷିକ ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ଏଥିସହ ୫ ଦିନ ବ୍ୟାପୀ ଚାଲିଥିବା ନଅ କୁଣ୍ଡୀୟ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞରେ ପୂର୍ଣ୍ଣାହୂତି ଘଟିଛି। ମନ୍ଦିର ପରିଚାଳନା ସମିତି ସଭାପତି ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ମନ୍ଦିର ଆଜୀବନ ସଦସ୍ୟ ଏବଂ ଭୋଗଦାତାଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଡମ୍ବରୁଧର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଲୋକନାଥ ମେହେର, ପ୍ରଦୀପ ଜୈନ, ତୁଳସୀରାମ ମେହେର, ନରହରି ମେହେର, ପ୍ରମୋଦ ଯୋଷୀ, ତପେଶ୍ୱର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ନବୀନ ଚନ୍ଦ୍ର ମେହେର ସ୍ୱାଗତ କରିଥିବା ବେଳେ ସମ୍ପାଦକ ତୁଳସୀରାମ ମେହେର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଯଜ୍ଞକାର୍ଯ୍ୟ ପରିଚାଳନା କରିଥିବା ପୂର୍ଣ୍ଣଚନ୍ଦ୍ର ମେହେର, ତ୍ରିନାଥ ମେହେର, ସନ୍ତୋଷ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶିବ ପ୍ରସାଦ ମେହେର ପରିଚାଳନା କରିଥିବା ବେଳେ ରୂପେଶ ଚନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ। ସମିତି ପକ୍ଷରୁ ସାମୂହିକ ଅନ୍ନପ୍ରସାଦ ସହ ଛପନ ଭୋଗର ବ୍ୟବସ୍ଥା କରାଯାଇଥିଲା।

# ଜିଲାସ୍ତରୀୟ ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପରୀ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା ଅଫିସ,୧୮ା୨

ନୂଆପଡା ଜିଲା କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପରି ଉଦଯାପିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍କାଉଟ ଓ ଗାଇଡର ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡା. କାଳିପ୍ରସାଦ ମିଶ୍ର ମୁଖ୍ୟଅତିଥି, ମୋ ସ୍କୁଲ ଅଭିଯାନ ସଭାପତି ବିରେନ୍ଦ୍ର କୁମାର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଜୋତ୍ସ୍ନାମୟୀ ମିଶ୍ର, କୋମନା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଭ୍ରାଂଶୁ ପୁରୋହିତ, ଭାରତ ସ୍କାଉଟ୍ସ ଓ ଗାଇଡ୍ସ ରାଜ୍ୟ ଶରତ ଚନ୍ଦ୍ର ପାଇକ ରାୟ, ରାଜ୍ୟ ତାଲିମ କମିଶନର ସୁରଜିତ ସେନ, ପ୍ରଧାନ ଶିକ୍ଷକ କପିଳେଶ୍ୱର ପାତ୍ର, ଜିଲା ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦକ ତଥା ଜିଲା କ୍ରୀଡା ଶିକ୍ଷା ନିରିକ୍ଷକ ମହେଶ କୁମାର ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଦୃଷ୍ଟାନ୍ତ ମୂଳକ ଉଦାହରଣ ମାଧ୍ୟମରେ ସ୍କାଉଟ ଓ ଗାଇଡର ଭୂମିକା ଏବଂ ଦେଶପ୍ରତି କର୍ତ୍ତବ୍ୟ ଉପରେ ଅତିଥିମାନେ କହି ଉତ୍ସାହିତ କରିଥିଲେ। ଭାସ୍କର କୁମାର ପାତ୍ରଙ୍କୁ ସର୍ବତମ ସ୍କାଉଟ ମାଷ୍ଟର ଓ ଦମୟନ୍ତି ପଟେଲଙ୍କୁ ସର୍ବୋତମ ଗାଇଡ୍ସ କ୍ୟାପଟେନ ଭାବେ ସମ୍ମାନିତ କରିବା ସହ ବସନ୍ତ କୁମାର ବିଶ୍ୱାଳ, ବିଜୟ କୁମାର ନାଗ, ଅଶୋକ କୁମାର ବେହେରା, ନିରୁପମା ପାଣିଗ୍ରାହୀ ଓ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ରୋଶନ ପଣ୍ଡା, ରାଜିବ ରଣା, ଆର୍ଯ୍ୟନ ଦଣ୍ଡସେନାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ନିକଟ ଭବିଶ୍ୟତରେ ଅବସର ନେବାକୁ ଯାଉଥିବା ସ୍କାଉଟ୍ସ ଶିକ୍ଷକ ଦୟାନିଧି ଚଲାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସର୍ବଶେଷ୍ଠ ସ୍କାଉଟ୍ସ ଦଳ ଭାବେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଡିଓସି ବିଜୟ କୁମାର ନାଗ ଓ ନିରୁପମା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନୀ, ଧନଞ୍ଜୟ ଦଣ୍ଡସେନା ଓ ଦୟାନିଧି ଚଲାନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରିଥିବା ବେଳେ ଡିପିସି ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ। କ୍ଷମା ସାଗର ସାହୁ, ମହତାବ ଆଡଜୁଆଡ, ପରେଶ ପାଣିଗ୍ରାହୀ, ଦେବାଶିଷ ପଟେଲ, ହରିହର ଠାକୁର, କୈଳାଶ ନାଏକ, ରତନ ତିୱାରୀ, ପୁଷ୍ପଲତା ସିଂ, ସନ୍ଧ୍ୟାରଣୀ ସାହୁ ସହଯୋଗ କରିଥିଲେ।

## ବିଭିନ୍ନ ଶୈବ ପୀଠରେ ଶିବରାତ୍ରି ପାଳିତ

ଖଡ଼ିଆଲି/ସିନାପାଲି,୧୮ା୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ସହରର ବିଭିନ୍ନ ଶୈବପୀଠରେ ମହାସମାରୋହରେ ଶିବରାତ୍ରି ପର୍ବ ପାଳିତ ହୋଇଯାଇଛି। ଖଡ଼ିଆଳ ଅଞ୍ଚଳର ଶୈବପୀଠ କୌଶଳେଶ୍ୱର ମନ୍ଦିର, ଗୋଡେଲ ବନ୍ଧ ମନ୍ଦିର, ତୀରବନ୍ଧ, ମରାବନ୍ଧ ସମେତ ଗ୍ରାମାଞ୍ଚଳରେ ଥିବା ଚଳାନପଡା, ଗୋଇମୁଣ୍ଡି, ଭାଲୁଡୁଙ୍ଗୁରି, ଡୁକୁଲା, ଝୋଲପଥର, ତିଖାଲି, ଧରମସାଗର, ଦୋହେଲପଡା, ଖାସବାହାଲ, ଡୁଆଝର, ରିଷିଗାଁ ସମେତ ସମସ୍ତ ଶୈବପୀଠରେ ଧୁମଧାମରେ ପୂଜା ହୋଇଯାଇଛି। ସମସ୍ତ ଶୈବ ପୀଠରେ ବହୁ ସଂଖ୍ୟାରେ ଭକ୍ତ ଲାଇନ ଲଗାଇ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ମନ୍ଦିରରେ ପ୍ରହରୀ ହେଉ ଥିବା ଦେଖିବାକୁ ମିଳିଛି। ସିନାପାଲି ସହରର ଉଦନ୍ତୀ ନଦୀକୂଳ ପୁରୁଣା ଚନ୍ଦ୍ରଶେଖର ବାବାଙ୍କ ଶିବ ମନ୍ଦିରରେ ଶନିବାର ମହାଶିବ ରାତ୍ରି ପାଳିତ ହୋଇଛି। ଏହି ଉପଲକ୍ଷେ ଭୋରରୁ ମନ୍ଦିରରେ ଶିବଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶିବରାତ୍ରି ଉପଲକ୍ଷେ ସନ୍ଧ୍ୟାରେ ବିରଳ ପଞ୍ଚ କୁଣ୍ଡୀୟ ମହା ଯଜ୍ଞର ଆୟୋଜନ କରାଯାଇଥିବା ବେଳେ ମୁଖ୍ୟକର୍ତ୍ତା ଯତିନ୍ଦ୍ର ମେହେର ଓ ସୁନନ୍ଦା ମେହେର ରହିଥିଲେ। ମନ୍ଦିର ପୂଜକ ଭାବେ ଭୀଷ୍ମରାଜ ଦାସ ଓ ଯଜ୍ଞର ମୁଖ୍ୟ ପୂଜକ ହରିଶ୍ଚନ୍ଦ୍ର ଖମାରୀ ଦାୟିତ୍ୱ ତୁଲାଇଥିଲେ। ରାତି ୯ଟାରେ ମହାଦୀପ ଉଠିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ଜାଗର ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିବରାତ୍ରି କମିଟି ସଭାପତି ସୁରଜ ମେହେରଙ୍କ ସହ ରାଧେକୃଷ୍ଣ ମେହେର, ପ୍ରଭାତ କୁମାର ମେହେର, ଗୁରୁବାରୁ ମେହେର, ପିଲୁ ମେହେର, ସିମାଂଚଳ ମେହେର, ବୁଲୁ ମେହେର, ଗଣେଶ ମେହେର, ଅମର ମେହେର, ରକି ମେହେର, ରାଜ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ଷୋହଳପ୍ରହର ନାମଯଜ୍ଞ ସମାପନ



ନାମଯଜ୍ଞରେ ସାମିଲ ସଂକୀର୍ତ୍ତନ ଦଳ।

ବେହେରା,୧୮ା୨(ଡି.ଏନ.ଏ.)

କଳାହାଣ୍ଡିଜିଲା କୋକସରା ବ୍ଲକ ଦଣ୍ଡପାଟସ୍ଥ ଡହଗାଁ ଗ୍ରାମରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଶନିବାର ସମାପନ ହୋଇଯାଇଛି। ଗତ ୧୫ ତାରିଖରେ କଳସ ଯାତ୍ରା ଓ ଅଧିବାସପୂଜା, ୧୬ ତାରିଖ ସକାଳ ୭.୧୫ମି.ରେ ହରେକୃଷ୍ଣ ମହାମନ୍ତ୍ର ନାମ ଆରମ୍ଭ ଓ ୧୮ ତାରିଖ ନାମ ସମାପନ ହୋଇ ନଗର ପରିକ୍ରମା କରାଯାଇ ଦଧିହାଣ୍ଡି ଭଗ୍ନ କରାଯାଇଥିଲା। ଦୁଇ ଦିନ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନଛତ୍ର ଖୋଲାଯାଇ ଥିଲା। ନାମଯଜ୍ଞରେ ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ଧର୍ମଗଡ ଉପଖଣ୍ଡ ଭାଜପା ସଭାପତି ସୁଧୀର ପଟ୍ଟଯୋଶୀ, ଭାଜପା ନେତା ଦନାରପଣ୍ଡା, ସୋହନଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ରସିକ ମଶ୍ରା, ସମ୍ପାଦକ ଶୋଭନ ପୂଝାରୀ, କୋଷାଧ୍ୟକ୍ଷ ସନ୍ତୋଷ ପୂଝାରୀ, ଜୟରାମ ନାଏକ, ତ୍ରିନାଥ ପୂଝାରୀ, ବଳରାମ ପୂଝାରୀ, କୁଞ୍ଜବିହାରୀ ପୂଝାରୀ, ଜବରଲାଲ ପୂଝାରୀ, ପୁରନ୍ଦର ପୂଝାରୀ, ଚକ୍ରଧର ନାଏକ, ଏକାଦଶୀ ପୂଝାରୀ, ଗଙ୍ଗାରାମ ନାଏକ, ରାମେଶ୍ୱର ପୂଝାରୀ, ମୋହିତ ପଣ୍ଡା, ବ୍ରଜନାଏକ ତଥା ଗ୍ରାମବାସୀ ସହଯୋଗ କରିଥିଲେ। ପୂଜନ କାର୍ଯ୍ୟ ନାରାୟଣ ତିୱାରୀ, ଭୂପେଶ ତିୱାରୀ, ଧ୍ରୁବ ତିୱାରୀ, ମୋହନ ତିୱାରୀ, ମିଥିଲେଶ ତିୱାରୀ ସମ୍ପାଦନ କରିଥିବା ବେଳେ ନାମଯଜ୍ଞରେ ଆଖପାଖ ଗ୍ରାମର ୯ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ।

# ସୋଲାର ପାନୀୟ ଜଳ, ବସୁଧା ପ୍ରକଳ୍ପ ଅଚଳ

ରୁପ୍ରାରୋଡ,୧୮ା୨(ଡି.ଏନ.ଏ.)

ଆଗକୁ ଗ୍ରୀଷ୍ମ ପ୍ରବାହ ସହ ଜଳର ଉତ୍କଟ ଅଭାବ ମଧ ବୃଦ୍ଧି ହେବ। ଏହାରି ଭିତରେ ଏବେଠାରୁ କଳାହାଣ୍ଡି ଜିଲା ନର୍ଲା ବ୍ଲକର ମାଣ୍ଡେଲ ଗ୍ରାମ ଓ ଯୋଡାବନ୍ଧ ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ମାଣ୍ଡେଲ ଗ୍ରାମ ସ୍କୁଲ ଓ ରାସ୍ତା ନିକଟରେ ଥିବା ସୋଲାର ପାନୀୟ ଜଳ ଟାଙ୍କି ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଆସୁଥିବା ବେଳେ ଏହା ଦୀର୍ଘ ଦିନ ହେଲା ଅଚଳ ହୋଇଯାଇଛି। ଫଳରେ ଛାତ୍ରୀଛାତ୍ର ଓ ଜନସାଧାରଣ ପାନୀୟ ଜଳ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦୁଇ ବର୍ଷ ଧରି ନଳକୂପରେ ଲାଗିଥିବା ପାଣି ମଟର ଅଚଳ ଅବସ୍ଥାରେ ପାଣି ଭିତରେ ବୁଡ଼ି ରହିଛି। ଫଳରେ ଜଳ ଯୋଗାଣ ବନ୍ଦ ରହିଛି। ଜଳଯୋଗାଣ ବନ୍ଦ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ମତପୋଷଣ କରିଛନ୍ତି। ଏହି ଅଚଳ ପ୍ରକଳ୍ପଗୁଡ଼ିକୁ ଯଥା ସମ୍ଭବ ଶୀଘ୍ର ସାଭାବିକ କରିବାକୁ ଦାବି ହେଉଛି।

## ଜିଲା ଶ୍ରମିକ ସମନ୍ୱୟ କମିଟିର ସମ୍ମିଳନୀ

ଭବାନୀପାଟଣା,୧୮ା୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏକ ହୋଟେଲରେ ଜିଲା ଶ୍ରମିକ ସମନ୍ୱୟ କମିଟି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଜିଲାରେ କାମ କରୁଥିବା ପ୍ରାୟ ୧୮ଟି ଶ୍ରମିକ ସଙ୍ଗଠନ ସଭାପତି, ସମ୍ପାଦକ ଓ ବରିଷ୍ଠ କାର୍ଯ୍ୟ କର୍ତ୍ତମାନେ ଯୋଗଦେଇଥିଲେ। କଳାହାଣ୍ଡି ଶ୍ରମିକ ସମନ୍ୱୟ କମିଟି ପୁରୁଣା କାର୍ଯ୍ୟକର୍ତ୍ତାମାନଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ବରିଷ୍ଠ ଆଇନଜୀବୀ ଶିଶିର ପଟ୍ଟନାୟକ ପୁର୍ନବାର ଦ୍ୱିତୀୟ ଥର ପାଇଁ ଜିଲା ସଭାପତି ଭାବେ ମନୋନୀତ ହୋଇଥିଲେ। ସମ୍ପାଦକ ଭାବେ ତ୍ରିଲୋକ୍ୟ ଜ୍ୟୋତି ବାଗ, କାର୍ଯ୍ୟକାରୀ ସଭାପତିଭାବେ ବିକାଶ ନାଏକ, କୋଷାଧ୍ୟକ୍ଷ ଭାବେ ଅନୀଲ କୁମାର ସାହୁ ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା କମିଟିରେ ଦାମୋଦର ବେହେରା, ସୁରେନ୍ଦ୍ର କର, ସୁବୋଧ କର, ବିଶ୍ୱ ରଞ୍ଜନ ସା, ସୁନାମ ଦାସ, ରଜନୀ ଆଚାର୍ଯ୍ୟ ଓ ଗୌରଚନ୍ଦ୍ର ନାଏକ ପ୍ରମୁଖ ମନୋନୀତ ହୋଇଥିଲେ।



ସମ୍ମିଳନୀରେ ଯୋଗଦେଇଥିବା ଜିଲା ଶ୍ରମିକ ସମନ୍ୱୟ କମିଟି ସଦସ୍ୟମାନେ ।

# ଉଦ୍‌ଘାଟନ ପୂର୍ବରୁ ଭାଙ୍ଗି ପଡ଼ିଛି ଗ୍ରାମୀଣ ପାର୍କ

ଖଡ଼ିଆଳ,୧୮ା୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ଗ୍ରାମୀଣ ପାର୍କ। ହେଲେ କେଉଁଠି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, ଆଉ କେଉଁଠି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପୁଣି କେଉଁଠି ଭଙ୍ଗା ଅବସ୍ଥାରେ ପଡ଼ିରହିଛି। ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଥିଲେ ତାହା ଫଳପ୍ରଦ ହୋଇ ନ ଥିବା ଦେଖିବାକୁ ମିଳିଛି। ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୋଜପୁର ଗ୍ରାମପଞ୍ଚାୟତ ଅଧୀନରେ ନିର୍ମିତ ହୋଇଛି ଗ୍ରାମୀଣ ପାର୍କ। ଏହି ପାର୍କ ନିର୍ମାଣ ପାଇଁ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ୩,୮୪,୨୦୦ଟଙ୍କା ଓ



ପାର୍କରେ ଭଙ୍ଗାରୁଜା ହୋଇପଡ଼ିଛି।

୨୦୨୧-୨୨ ଆର୍ଥିକ ବର୍ଷରେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମୋଟ ୨୦,୬୫,୨୭୪ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏଥି ମଧ୍ୟରୁ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠିର ସମସ୍ତ ଅର୍ଥ ଗ୍ରାମୀଣ ପାର୍କ ନିର୍ମାଣ କାର୍ଯ୍ୟରେ ବ୍ୟୟ ହୋଇଥିବା ବେଳେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନରୁ ସାମଗ୍ରୀ ବାବଦକୁ ମୋଟ ୯,୬୧,୭୭୯ ଟଙ୍କା ଓ ଶ୍ରମିକ ପାଉଣା ବାବଦକୁ ମୋଟ ୨,୭୦୫୮୦ ଟଙ୍କା ମିଶି ମୋଟ ୧୨,୩୨,୩୫୯ ଟଙ୍କା ବ୍ୟୟ ହୋଇଥିବା ସୂଚନାରୁ ଜଣାପଡ଼ିଛି। ହେଲେ ବର୍ତ୍ତମାନ ଉକ୍ତ ପାର୍କ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ବେଳେ ଉଦ୍‌ଘାଟନ ପୂର୍ବରୁ ପାର୍କର ବିଭିନ୍ନ ସାମଗ୍ରୀ ଭଙ୍ଗା ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ପାର୍କରେ ବ୍ୟବହୃତ ଚୌକି, ବଦ୍ୟୁତ୍‌ଉପକରଣ, ଚଟାଣରେ ବ୍ୟବହୃତ ଟାଇଲସ, ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀଗୁଡ଼ିକ ଭଙ୍ଗାରୁଜା ଅବସ୍ଥାରେ ପଡ଼ିରହିଛି। ଏ ନେଇ ଭୋଜପୁର ସରପଞ୍ଚ କୁଳମଣି ନାୟକଙ୍କୁ ପଚାରିବାରୁ ପାର୍କରେ କୌଣସି ଦୁର୍ବୃତ୍ତ ଭାଙ୍ଗିବା ସହ ବ୍ୟବହୃତ ସାମଗ୍ରୀ ଚୋରି କରି ନେଇ ଯାଇଥିବା କହିଛନ୍ତି। ଏ ନେଇ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ସେ କହିଛନ୍ତି।

## ଜାଗର ଯାତ୍ରା ପାଇଁ ଶିବାଳୟ ଚଳଚଞ୍ଚଳ

ଲୋଇସିଂହା,(ଡି.ଏନ.ଏ): ଜାଗର ଯାତ୍ରା ପାଇଁ ବଲାଙ୍ଗୀର ଲୋଇସିଂହା ଓ ଆଗଲପୁର ବ୍ଲକରେ ଥିବା ଶିବାଳୟଗୁଡିକ ଚଳଚଞ୍ଚଳ ହୋଇଉଠିଥିଲା। ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଯୋଗେଶ୍ୱର ଧାମ, ବୁର୍ଡା ସ୍ୱପ୍ନେଶ୍ୱର ପୀଠ ସମେତ ଆଗଲପୁର ବ୍ଲକ ସନଟିକା ଜଳେଶ୍ୱର ପୀଠରେ ପୂଜାର୍ଚ୍ଚନା ଏବଂ ଦର୍ଶନ ପାଇଁ ସକାଳୁ ଭକ୍ତଙ୍କ ଲମ୍ୱା ଲାଇନ ଦେଖିବାକୁ ମିଳିଥିଲା। ଜାଗାର ଯାତ୍ରା ପାଇଁ ମାନସିକଧାରୀମାନେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ଉଜାଗର ରହିଥିଲେ। ମେଳା ଅବସରରେ ପୀଠରେ ଶିବପୁରାଣ, ଶ୍ରୀମଦ ଭାଗବତ ପାରାୟଣ, ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଜଳନ୍ଧର ଦରବାର

ବିନିକା,୧୮।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ମହୁଲପାଲିଠାରେ ଶନିବାର ମହା ରୁଦ୍ରେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଜଳନ୍ଧର ଦରବାର ଆରମ୍ଭ ହୋଇଛି । ପ୍ରଥମ ଦିନର ନାଟ୍ୟ ଅଭିନୟରେ ଜଳନ୍ଧର ଜନ୍ମ ଗ୍ରହଣ କରିବା ଦୃଶ୍ୟ ଅଭିନୀତ ହୋଇଥିଲା । ଭେଡେନ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା ମୁଖ୍ୟ ଅତିଥି, ପପଙ୍ଗା ସରପଞ୍ଚ ରଶ୍ମିତା ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିନିକା ବ୍ଲକ ଅଧକ୍ଷ ପଞ୍ଚାନନ ଦନ୍ତା, ସମ୍ପାଦକ ଟିକେଶ୍ୱର ଦୁଷ୍ଟ, ସଦସ୍ୟ ମିତ୍ରଭାନୁ ଦନ୍ତା ପ୍ରମୁଖ ଉପସ୍ଥିତ ଥିଲେ । ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରାରମ୍ଭରେ ଶତାଧିକ ମହିଳାଙ୍କ ଦାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଷ୍ଟ ପ୍ରହରୀ ନାମଯଜ୍ଞ, ସତସଙ୍ଗ, ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଦୀର୍ଘ ୬ ଦିନ ଧରି ହେବାକୁ ଥିବା ମହୋତ୍ସବର ପ୍ରଥମ ଦିନ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା ।

### ରାସ୍ତାରେ ବୋହୁଛି ନର୍ଦ୍ଦମା ପାଣି

ପଲମ,୧୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନସ୍ଥ ନର୍ଲା ଭାରତୀୟ ଷ୍ଟେଟବ୍ୟାଙ୍କ ପାଖରେ ଦୀର୍ଘ ଦିନ ଧରି ନର୍ଦ୍ଦମା ପାଣି ଜମା ହୋଇ ରହୁଛି। ଆବର୍ଜନା ଯୁକ୍ତ ମଇଳା ପାଣି ଯୋଗୁ ମଶା ମାଛିଙ୍କ ପ୍ରକୋପ ବଢିବାରେ ଲାଗିଛି। ଫଳରେ ବ୍ୟାଙ୍କକୁ ଆସୁଥିବା ଉପଭୋକ୍ତା ନର୍ଦ୍ଦମା ପାଣିର ଦୁର୍ଗନ୍ଧ ଓ ମଶା ମାଛି ଯୋଗୁ ଅତିଷ୍ଠ ହୋଇ ପଡୁଛନ୍ତି। ମାଝିପଡାର ବ୍ୟାଙ୍କ ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସ ଯାଏ ସିମେଣ୍ଟ ଡ୍ରେନ ନିର୍ମିତ ହୋଇଥିବା ବେଳେ ସେଠାରୁ ବ୍ୟାଙ୍କ ସମ୍ମୁଖ ଦେଇ ୫୦ ମିଟର ଯାଏଁ ରାସ୍ତା କଡରେ ଦୁର୍ଗନ୍ଧ ପାଣି ଜମି ରହୁଛି। ଅଧିକ ପାଣି ଜମା ଯୋଗୁ ରାଜରାସ୍ତାକୁ ମାଡି ଯାଉଛି। ଡ୍ରେନ ନିର୍ମାଣ ପ୍ରସଙ୍ଗ ନେଇ ନର୍ଲା ସରପଞ୍ଚ ତନୁଜା ହରପାଲଙ୍କୁ ପଚାରିବାରୁ ସେ କହନ୍ତି ଡ୍ରେନ ପାଣିକୁ ନର୍ଲା କେନାଲର ଶେଷ ମୁଣ୍ଡରେ ପାକାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ ନର୍ଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀ ରାଜି ହେଲେ ନାହିଁ ବୋଲି କହିଥିଲେ। ଏହା ବ୍ୟକ୍ତିଗତ ଜାଗା ରହିଥିବା ଯୋଗୁ ଦୁର୍ଗନ୍ଧ ଡ୍ରେନ ପାଣି ଛାଡିବା ପାଇଁ ଜମି ମାଲିକମାନେ ରାଜି ହେଉନାହାନ୍ତି। ସୋକପିଟ ନିର୍ମାଣ ପାଇଁ ମଧ ସରକାରୀ ଜାଗା ନାହିଁ। ଡ୍ରେନ ନିର୍ମାଣ ପାଇଁ ବଜେଟ ରହିଥିଲେ ମଧ ତାହା ହୋଇପାରୁ ନାହିଁ। ଏହାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ଆଦର୍ଶ ଶିକ୍ଷକ ମହମ୍ମଦ ଅମାନୁଦ୍ଦିନ ଖାନ୍‌ଙ୍କ ପରଲୋକ

ଭବାନୀପାଟଣା,୧୮।୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ ସହରର ଲୋକପ୍ରିୟ ବ୍ୟକ୍ତି ତଥା ଅବସରପ୍ରାପ୍ତ



ଶିକ୍ଷକ ମହମ୍ମଦ ଅମାନୁଦ୍ଦିନ ଖାନ୍(୭୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଉଚ୍ଚକୋଟୀର ସଙ୍ଗୀତଜ୍ଞ ମଧ ଥିଲେ। ରାଜ୍ୟ ଓ ଜିଲାସ୍ତରୀୟ ସଙ୍ଗୀତ କାର୍ଯ୍ୟକ୍ରମରେ ସେ ଯୋଗଦେଇ ଉଚ୍ଚ ପ୍ରଶଂସିତ ହୋଇଥିବା ବେଳେ ଏକାଧିବାର ପୁରସ୍କୃତ ମଧ ହୋଇଥିଲେ। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସେ ଆଜୀବନ ସଦସ୍ୟ ଥିଲେ। ଜିଲାର ଭାରତୀ ସଙ୍ଗୀତ ଅନୁଷ୍ଠାନ ମାଧମରେ ସେ ରାଜ୍ୟ ତଥା ରାଜ୍ୟ ବାହାରେ ସଙ୍ଗୀତ ପରିବେଷଣ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିଲେ। ୧୯୭୨ରୁ ୧୯୭୪ ଯାଏଁ ସେ ଧର୍ମଗଡ ହାଇସ୍କୁଲ ଇତିହାସ ବିଭାଗ ଶିକ୍ଷକ ଭାବେ ଅବସ୍ଥାପିତ ଥିଲେ। ପରେ ସେ ଦାସୀଗାଁ ଉନ୍ନୀତ ମଧ ଇଂଲିଶ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମେତ ଜୁନାଗଡ ବ୍ଲକ ଓ ବଲଧିଆମାଲ ମଧ ଇଂଲିଶ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ପାଠ ପଢାଇବା ସହ ସେ ଛାତ୍ରଛାତ୍ରୀମାନଙ୍କୁ ସଙ୍ଗୀତ ଓ ନୃତ୍ୟ ପାଇଁ ପ୍ରୋତ୍ସାହିତ କରୁଥିଲେ। ୨୦୦୬ରେ ସେ ଅବସର ଗ୍ରହଣ କରିଥିଲେ ହେଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ବିୟୋଗରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମେତ ବିଭିନ୍ନ ବ୍ୟକ୍ତି ବିଶେଷ ଗଭୀର ଶୋକ ପ୍ରକାଶ କରାଯାଇ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଛି।

# ଏଲିସା ରକ୍ତ ପରୀକ୍ଷା ହୋଇପାରୁନି

■ସୁବର୍ଣ୍ଣପୁର ରକ୍ତ ଭଣ୍ଡାରରେ ଅଚଳାବସ୍ଥା

■ରୋଗୀଙ୍କୁ ମିଳୁନି ରକ୍ତ

ସୋନପୁର,୧୮।୨(ନି.ପ୍ର.)



ସୁବର୍ଣ୍ଣପୁର ରକ୍ତ ଭଣ୍ଡାର।

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତ ଭଣ୍ଡାରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ରକ୍ତ ଭଣ୍ଡାରରେ ପ୍ରଶିକ୍ଷଣପ୍ରାପ୍ତ ଟେକ୍ନିସିଆନ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ଗତ ଏକ ସପ୍ତାହ ହେବ ଗୁରୁତର ରୋଗୀଙ୍କୁ ରକ୍ତ ମିଳୁନି। ଏପରିକି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ସଂଗ୍ରହ ହୋଇଥିବା ୨୩୫ ୟୁନିଟ୍ ରକ୍ତର ଗୁରୁତ୍ୱପୂର୍ଣ୍ଣ ଏଲିସା ପରୀକ୍ଷା ହୋଇପାରିନି। ରୋଗୀ ରକ୍ତ ପାଇଁ ହଇରାଣ ହେଉଛନ୍ତି। ରକ୍ତ ଭଣ୍ଡାରରେ ଏଭଳି ଅଚଳାବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ ରକ୍ତ ଭଣ୍ଡାରରେ ୫ ଜଣ ଟେକ୍ନିସିଆନ ରହିବା ସ୍ଥାନରେ ୨ ଜଣ ଥିଲେ। ଲାବୋରେଟୋରି ଟେକ୍ନିସିଆନ(ଏଲଟି) ସୁବାସ ଚନ୍ଦ୍ର ପଣ୍ଡା ଓ ଟିଟୁ ଭୋଇ ରକ୍ତଭଣ୍ଡାରରେ ରକ୍ତ ପରୀକ୍ଷା କାର୍ଯ୍ୟ କରୁଥିଲେ। ନିକଟରେ ଟିଟୁ ଭୋଇଙ୍କୁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବା ବେଳେ ସୁବାସ ପଣ୍ଡାଙ୍କୁ ନୂତନଭାବେ କାର୍ଯ୍ୟକ୍ଷମ ହୋଇଥିବା ପ୍ରସୂତି ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷେ ରକ୍ତଭଣ୍ଡାରରେ ଏବେ କେହି ପ୍ରଶିକ୍ଷଣ ପ୍ରାପ୍ତ ଟେକ୍ନିସିଆନ ନାହାନ୍ତି। ଲୋକଙ୍କ ନିକଟରୁ ସଂଗୃହୀତ ହୋଇଥିବା ରକ୍ତ ୟୁନିଟ୍‌ଗୁଡିକର ଲୋବୋରେଟୋରିରେ ଏଲିସା ପରୀକ୍ଷା ହୋଇପାରୁନି। ଏଲିସା ପରୀକ୍ଷା ଦ୍ୱାରା ରକ୍ତରେ ଏଚ୍ଆଇଭି, ହେପାଟାଇଟ୍‌ସ କିମ୍ୱା ଅନ୍ୟ ସଂକ୍ରମଣ ଥିଲା ତାହା ଜଣା ଯାଇଥାଏ। ପରୀକ୍ଷା ପରେ ରକ୍ତ ରୋଗୀଙ୍କୁ ଦିଆଯାଏ। ତେବେ ଗୁରୁତ୍ୱପୂର୍ଣ୍ଣ ଏଲିସା ପରୀକ୍ଷା ହୋଇ ପାରୁ ନ ଥିବାରୁ ପୂର୍ବରୁ ଜିଲା ରକ୍ତଦାତା ସଂଘ, ଜିଲା ଡ୍ରାଇଭର ସଂଘ ଓ ସମାଜସେବୀ ସଂଗଠନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣା ଯାଇଥିଲା। ମାତ୍ର ଏହାର ସୁଫଳ ମିଳିନି। ପ୍ରଶିକ୍ଷଣ ପାଇନଥିବା ଏଲଟିଙ୍କୁ ନେଇ କାମ ଚଳାଇବାକୁ ଯୋଜନା ଚାଲିଛି। ଏହି ଘଟଣାକୁ ନେଇ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତିଙ୍କୁ ଯୋଗାଯୋଗ କରିବାରୁ ତରଭା ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବା ଏଲଟିଙ୍କୁ ପୁଣି ରକ୍ତଭଣ୍ଡାରକୁ ଫେରାଇ ଅଣାଯିବ ବୋଲି କହିଛନ୍ତି।

# ନିମ୍ନମାନର ଶ୍ରେଣୀ ଗୃହ ନିର୍ମାଣ, ଗ୍ରାମବାସୀଙ୍କ ବିରୋଧ


ବିଜାପାଟି ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ନିର୍ମାଣ ନୂତନ ଶ୍ରେଣୀ ଗୃହ।

କର୍ଲାମୁଣ୍ଡା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟି ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ଏହାକୁ ଗ୍ରାମବାସୀ ବିରୋଧ କରି କାମ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୨୦୨୧-୨୨ରେ ବିକେବିକେ ଅନୁଦାନରୁ ୬ ଲକ୍ଷ ଟଙ୍କା ଅଟକଳରେ ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା ନୂତନ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଝରକା କଂକ୍ରିଟ ତାଜା ଶନିବାର ଭୁଶୁ ପଡିବା ପରେ ଗ୍ରାମବାସୀ କାର୍ଯ୍ୟକୁ ବନ୍ଦ କରିଥିବା ଜଣାପଡ଼ିଛି। ଅନ୍ୟପଟେ କାର୍ଯ୍ୟ ବିଭାଗୀୟ ହୋଇଥିଲେ ହେଁ ଦାୟିତ୍ୱରେ ଥିବା ଯନ୍ତ୍ରୀ ଜଣକ ନିର୍ମାଣ କାର୍ଯ୍ୟ ତଦାରଖ କରୁ ନ ଥିବାରୁ ଏପରି ହେଉଥିବା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଅଭିଯୋଗ କରିବା ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଏ ନେଇ ଯନ୍ତ୍ରୀଙ୍କୁ ଯୋଗେ ଯୋଗାଯୋଗ କରିଥିଲେ ମଧ ତାଙ୍କ ଫୋନ ବନ୍ଦ ରହିଥିବାରୁ ମତାମତ ମିଳି ପାରିନାହିଁ।

# ମହାଶିବରାତ୍ରି: ଚଳଚଞ୍ଚଳ ଶୈବପୀଠ

ସୋନପୁର,୧୮।୨(ନି.ପ୍ର.)


ସୁବର୍ଣ୍ଣମେରୁଙ୍କ ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁ ଧାଡିରେ ଛିଡା ହୋଇଛନ୍ତି।

ପବିତ୍ର ମହା ଶିବରାତ୍ରି ଅବସରରେ ସୁବର୍ଣ୍ଣପୁର ଜିଲାର ସମସ୍ତ ଶୈବ ପୀଠଗୁଡିକ ଶନିବାର ଚଳଚଞ୍ଚଳ ହୋଇ ଉଠିଛି। ଶିବଙ୍କ ଦର୍ଶନ ପାଇଁ ସକାଳ ଠାରୁ ପୀଠଗୁଡିକରେ ଭକ୍ତଙ୍କ ଗହଳି ଲାଗି ରହିଥିଲା । ଶ୍ରଦ୍ଧାଳୁ ମାନେ ଶିବଙ୍କ ନିକଟରେ ମନସ୍କାମନା ପୂରଣ ପାଇଁ ପୂଜା କରିବା ସହିତ ବିଭିନ୍ନ ପୀଠ ବୁଲି ଶିବଙ୍କ ଦର୍ଶନ କରିଥିଲେ। ଜିଲାର ପ୍ରମୁଖ ଶୈବ ପୀଠଗୁଡିକରେ ଭକ୍ତଙ୍କ ଲମ୍ୱା ଧାଡି ଦେଖିବାକୁ ମିଳିଥିଲା। ସହରର ତ୍ରିବେଣୀ ସଙ୍ଗମ ରାମେଶ୍ୱର ଶୈବ ପୀଠ ସମେତ ଜିଲାର ଇଷ୍ଟ ଦେବତା ସୁବର୍ଣ୍ଣମେରୁ, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ଚନ୍ଦ୍ରଶେଖର, ଗୋପିନାଥ, ଓଁକାରନାଥ, ପଞ୍ଚରଥ, ସିଦ୍ଧେଶ୍ୱର ଓ ଲୋକନାଥ ମନ୍ଦିରରେ ସକାଳ ଠାରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ରାତିରେ ମନ୍ଦିର ବେଢାରେ ମହିଳା ମାନେ ଦୀପ ଜାଳିଥିଲେ। ଶୈବ ମନ୍ଦିରଗୁଡିକରେ ଜାଗର ଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ହରପାର୍ବତୀ ସୁଆଙ୍ଗ, ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ସର୍ବ ପୁରତନ ଶୈବ ପୀଠ ବୈଦ୍ୟନାଥର କୋଶଳେଶ୍ୱର ମନ୍ଦିର, ବିନିକା ଚରଦାର କପିଳେଶ୍ୱର, ସୋନପୁର ଗତରକେଲାର ଖୁଙ୍କୁଡେଶ୍ୱର ଓ ବୀରମହାରାଜପୁର ଚମ୍ପାମାଳର ଚମ୍ପେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାତିରେ ମହାଦୀପ ଉଠିଥିଲା।

# ବିଭିନ୍ନ ଶୈବପୀଠରେ ଶିବରାତ୍ରି ପାଳିତ

ଖଡ଼ିଆଲି/ସିନାପାଲି, ୧୮।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ସହରର ବିଭିନ୍ନ ଶୈବପୀଠରେ ମହାସମାରୋହରେ ଶିବରାତ୍ରି ପର୍ବ ପାଳିତ ହୋଇଯାଇଛି। ଖଡ଼ିଆଳ ଅଞ୍ଚଳର ଶୈବପୀଠ କୌଶଲେଶ୍ୱର ମନ୍ଦିର, ଗୋଡେଲ ବନ୍ଧ ମନ୍ଦିର, ତୀରବନ୍ଧ, ମରାବନ୍ଧ ସମେତ ଗ୍ରାମାଞ୍ଚଳରେ ଥିବା ଚଳାନପଡା, ଗୋଇମୁଣ୍ଡି, ଭାଲୁଡୁଙ୍ଗୁରି, ଡୁକୁଲା, ଝୋଲପଥର, ଡିଖାଲି, ଧରମସାଗର, ଦୋହେଲପଡା, ଖାସବାହାଲ, ଡୁଆଝର, ରିଷିଗାଁ ସମେତ ସମସ୍ତ ଶୈବପୀଠରେ ଧୁମଧାମରେ ପୂଜା ହୋଇଯାଇଛି। ସମସ୍ତ ଶୈବ ପୀଠରେ ବହୁ ସଂଖ୍ୟାରେ ଭକ୍ତ ଲାଇନ ଲଗାଇ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ମନ୍ଦିରରେ ପ୍ରହରୀ ହେଉ ଥିବା ଦେଖିବାକୁ ମିଳିଛି। ସିନାପାଲି ସହରର ଉଦନ୍ତୀ ନଦୀକୂଳ ପୁରୁଣା ଚନ୍ଦ୍ରଶେଖର ବାବାଙ୍କ ଶିବ ମନ୍ଦିରରେ ଶନିବାର ମହାଶିବ ରାତ୍ରି ପାଳିତ ହୋଇଛି। ଏହି ଉପଲକ୍ଷେ ଭୋରରୁ ମନ୍ଦିରରେ ଶିବଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶିବରାତ୍ରି ଉପଲକ୍ଷେ ସନ୍ଧ୍ୟାରେ ବିରଳ ପଞ୍ଚ କୁଣ୍ଡୀୟ ମହା ଯଜ୍ଞର ଆୟୋଜନ କରାଯାଇଥିବା ବେଳେ ମୁଖ୍ୟକର୍ତ୍ତା ଯତିନ୍ଦ୍ର ମେହେର ଓ ସୁନନ୍ଦା ମେହେର ରହିଥିଲେ। ମନ୍ଦିର ପୂଜକ ଭାବେ ଭୀଷ୍ମରାଜ ଦାସ ଓ ଯଜ୍ଞର ମୁଖ୍ୟ ପୂଜକ ହରିଶ୍ଚନ୍ଦ୍ର ଖମାରୀ ଦାୟିତ୍ୱ ତୁଲାଇଥିଲେ। ରାତି ୯ଟାରେ ମହାଦୀପ ଉଠିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ଜାଗର ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିବରାତ୍ରି କମିଟି ସଭାପତି ସୁରଜ ମେହେରଙ୍କ ସହ ରାଧେକୃଷ୍ଣ ମେହେର, ପ୍ରଭାତ କୁମାର ମେହେର, ଗୁରୁବାରୁ ମେହେର, ପିଲୁ ମେହେର, ସିମାଂଚଳ ମେହେର, ବୁଲୁ ମେହେର, ଗଣେଶ ମେହେର, ଅମର ମେହେର, ରକି ମେହେର, ରାଜ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ସିନାପାଲି,୧୮।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦଶମ ବାର୍ଷିକ ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ଏଥିସହ ୫ ଦିନ ବ୍ୟାପୀ ଚାଲିଥିବା ନଅ କୁଣ୍ଡୀୟ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞରେ ପୂର୍ଣ୍ଣାହୁତି ଘଟିଛି। ମନ୍ଦିର ପରିଚାଳନା ସମିତି ସଭାପତି ବୈଶମ୍ପାୟନ ମେହେରଙ୍କ ଅଧକ୍ଷତାରେ ମନ୍ଦିର ଆଜୀବନ ସଦସ୍ୟ ଏବଂ ଭୋଗଦାତାଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଡମ୍ବରୁଧର ମେହେର, ପୂର୍ଣ୍ଣଚଂଦ୍ର ମେହେର, ଲୋକନାଥ ମେହେର, ପ୍ରଦୀପ ଜୈନ, ତୁଳସୀରାମ ମେହେର, ନରହରି ମେହେର, ପ୍ରମୋଦ ଯୋଷୀ, ତପେଶ୍ୱର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ନବୀନ ଚନ୍ଦ୍ର ମେହେର ସ୍ୱାଗତ କରିଥିବା ବେଳେ ସମ୍ପାଦକ ତୁଳସୀରାମ ମେହେର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଯଜ୍ଞକାର୍ଯ୍ୟ ପରିଚାଳନା କରିଥିବା ପୂର୍ଣ୍ଣଚନ୍ଦ୍ର ମେହେର, ତ୍ରିନାଥ ମେହେର, ସନ୍ତୋଷ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶିବ ପ୍ରସାଦ ମେହେର ପରିଚାଳନା କରିଥିବା ବେଳେ ରୂପେଶ ଚଂଦ୍ର ମେହେର ଧନ୍ୟବାଦ ଦେଇଥିଲେ। ସମିତି ପକ୍ଷରୁ ସାମୂହିକ ଅନ୍ନପ୍ରସାଦ ସହ ଛପନ ଭୋଗର ବ୍ୟବସ୍ଥା କରାଯାଇଥିଲା।

# ବରଦାନୀ ଭବନରେ ମହାଶିବରାତ୍ରି


ଶିବରାତ୍ରି ଅବସରରେ ବରପାଲି ସହରରେ ଶୋଭାଯାତ୍ରା ବାହାରିଛି।

ବରପାଲି,୧୮।୨(ଡି.ଏନ.ଏ.)

ବରପାଲି ବରଦାନୀ ଭବନରେ ଶନିବାର ପବିତ୍ର ଶିବରାତ୍ରି ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଭଉଣୀ ଭାଇ, ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ମହାବାକ୍ୟ ପଠନ, ଧ୍ୱଜାରୋହଣ ଓ ଶାନ୍ତି ଶୋଭାଯାତ୍ରା ଉଦ୍‌ଘାଟନ ହୋଇଥିଲା। ଏଥିରେ ବରପାଲି ଡାକ୍ତରଖାନାର ମୁଖ୍ୟ ଡାକ୍ତର ରାଜେଶ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ପରିଚାଳିକା ଭଉଣୀ ଗୌରୀ ଶିବରାତ୍ରିର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଏକ ଶାନ୍ତି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଭାରତ ମାତା ଓ ଶିବ ଲିଙ୍ଗ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବ୍ରହ୍ମା କୁମାରୀ ଝିଲି, ନମିତା ଓ ଅନ୍ୟ ଭଉଣୀ ଭାଇ ସହଯୋଗ କରିଥିଲେ।

# ଷୋହଳପ୍ରହର ନାମଯଜ୍ଞ ସମାପନ


ନାମଯଜ୍ଞରେ ସାମିଲ ସଂକୀର୍ତ୍ତନ ଦଳ।

ବେହେରା,୧୮।୨(ଡି.ଏନ.ଏ.)

କଳାହାଣ୍ଡିଜିଲା କୋକସରା ବ୍ଲକ ଦଣ୍ଡପାଟସ୍ଥ ଡହଗାଁ ଗ୍ରାମରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଶନିବାର ସମାପନ ହୋଇଯାଇଛି। ଗତ ୧୫ ତାରିଖରେ କଳସ ଯାତ୍ରା ଓ ଅଧିବାସପୂଜା, ୧୬ ତାରିଖ ସକାଳ ୭.୧୫ମି.ରେ ହରେକୃଷ୍ଣ ମହାମନ୍ତ୍ର ନାମ ଆରମ୍ଭ ଓ ୧୮ ତାରିଖ ନାମ ସମାପନ ହୋଇ ନଗର ପରିକ୍ରମା କରାଯାଇ ଦଧିହାଣ୍ଡି ଭଗ୍ନ କରାଯାଇଥିଲା। ଦୁଇ ଦିନ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନଛତ୍ର ଖୋଲାଯାଇ ଥିଲା। ନାମଯଜ୍ଞରେ ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ଧର୍ମଗଡ ଉପଖଣ୍ଡ ଭାଜପା ସଭାପତି ସୁଧୀର ପଟ୍ଟଯୋଶୀ, ଭାଜପା ନେତା ଦନାରପଣ୍ଡା, ସୋହନଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ରସିକ ମଶ୍ରା, ସମ୍ପାଦକ ଶୋଭନ ପୂଝାରୀ, କୋଷାଧ୍ୟକ୍ଷ ସନ୍ତୋଷ ପୂଝାରୀ, ଜୟରାମ ନାଏକ, ତ୍ରିନାଥ ପୂଝାରୀ, ବଳରାମ ପୂଝାରୀ, କୁଞ୍ଜବିହାରୀ ପୂଝାରୀ, ଜବରଲାଲ ପୂଝାରୀ, ପୁରନ୍ଦର ପୂଝାରୀ, ଚକ୍ରଧର ନାଏକ, ଏକାଦଶୀ ପୂଝାରୀ, ଗଙ୍ଗାରାମ ନାଏକ, ରାମେଶ୍ୱର ପୂଝାରୀ, ମୋହିତ ପଣ୍ଡା, ବ୍ରଜନାଏକ ତଥା ଗ୍ରାମବାସୀ ସହେଯାଗ କରିଥିଲେ। ପୂଜନ କାର୍ଯ୍ୟ ନାରାୟଣ ତିୱାରୀ, ଭୂପେଶ ତିୱାରୀ, ଧ୍ରୁବ ତିୱାରୀ, ମୋହନ ତିୱାରୀ, ମିଥିଲେଶ ତିୱାରୀ ସମ୍ପାଦନ କରିଥିବା ବେଳେ ନାମଯଜ୍ଞରେ ଆଖପାଖ ଗ୍ରାମର ୯ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ।

# ଜିଲା ଶ୍ରମିକ ସମନ୍ୱୟ କମିଟିର ସମ୍ମିଳନୀ

ଭବାନୀପାଟଣା,୧୮।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏକ ହୋଟେଲରେ ଜିଲା ଶ୍ରମିକ ସମନ୍ୱୟ କମିଟି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଜିଲାରେ କାମ କରୁଥିବା ପ୍ରାୟ ୧୮ଟି ଶ୍ରମିକ ସଙ୍ଗଠନ ସଭାପତି, ସମ୍ପାଦକ ଓ ବରିଷ୍ଠ କାର୍ଯ୍ୟ କର୍ତ୍ତମାନେ ଯୋଗଦେଇଥିଲେ। କଳାହାଣ୍ଡି ଶ୍ରମିକ ସମନ୍ୱୟ କମିଟି ପୁରୁଣା କାର୍ଯ୍ୟକର୍ତ୍ତାମାନଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ବରିଷ୍ଠ ଆଇନଜୀବୀ ଶିଶିର ପଟ୍ଟନାୟକ ପୁର୍ନବାର ଦ୍ୱିତୀୟ ଥର ପାଇଁ ଜିଲା ସଭାପତି ଭାବେ ମନୋନୀତ ହୋଇଥିଲେ। ସମ୍ପାଦକ ଭାବେ ତ୍ରିଲୋକ୍ୟ ଜ୍ୟୋତି ବାଗ, କାର୍ଯ୍ୟକାରୀ ସଭାପତିଭାବେ ବିକାଶ ନାଏକ, କୋଷାଧ୍ୟକ୍ଷ ଭାବେ ଅନୀଲ କୁମାର ସାହୁ ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା କମିଟିରେ ଦାମୋଦର ବେହେରା, ସୁରେନ୍ଦ୍ର କର, ସୁବୋଧ କର, ବିଶ୍ୱ ରଞ୍ଜନ ସା, ସୁନାମ ଦାସ, ରଜନୀ ଆଚାର୍ଯ୍ୟ ଓ ଗୌରଚନ୍ଦ୍ର ନାଏକ ପ୍ରମୁଖ ମନୋନୀତ ହୋଇଥିଲେ।


ସମ୍ମିଳନୀରେ ଯୋଗଦେଇଥିବା ଜିଲା ଶ୍ରମିକ ସମନ୍ୱୟ କମିଟି ସଦସ୍ୟମାନେ ।

# ଉଦ୍‌ଘାଟନ ପୂର୍ବରୁ ଭାଙ୍ଗି ପଡ଼ିଛି ଗ୍ରାମୀଣ ପାର୍କ

ଖଡ଼ିଆଳ,୧୮।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ଗ୍ରାମୀଣ ପାର୍କ। ହେଲେ କେଉଁଠି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, ଆଉ କେଉଁଠି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପୁଣି କେଉଁଠି ଭଙ୍ଗା ଅବସ୍ଥାରେ ପଡ଼ିରହିଛି। ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଥିଲେ ତାହା ଫଳପ୍ରଦ ହୋଇ ନ ଥିବା ଦେଖିବାକୁ ମିଳିଛି। ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୋଜପୁର ଗ୍ରାମପଞ୍ଚାୟତ ଅଧୀନରେ ନିର୍ମିତ ହୋଇଛି ଗ୍ରାମୀଣ ପାର୍କ। ଏହି ପାର୍କ ନିର୍ମାଣ ପାଇଁ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ୩,୮୪,୨୦୦ଟଙ୍କା ଓ


ପାର୍କରେ ଭଙ୍ଗାରୁଜା ହୋଇପଡ଼ିଛି।

୨୦୨୧-୨୨ ଆର୍ଥିକ ବର୍ଷରେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମୋଟ ୨୦,୬୫,୨୭୪ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏଥି ମଧ୍ୟରୁ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠିର ସମସ୍ତ ଅର୍ଥ ଗ୍ରାମୀଣ ପାର୍କ ନିର୍ମାଣ କାର୍ଯ୍ୟରେ ବ୍ୟୟ ହୋଇଥିବା ବେଳେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନରୁ ସାମଗ୍ରୀ ବାବଦକୁ ମୋଟ ୯,୬୧,୭୭୯ ଟଙ୍କା ଓ ଶ୍ରମିକ ପାଉଣା ବାବଦକୁ ମୋଟ ୨,୭୦,୫୮୦ ଟଙ୍କା ମିଶି ମୋଟ ୧୨,୩୨,୩୫୯ ଟଙ୍କା ବ୍ୟୟ ହୋଇଥିବା ସୂଚନାରୁ ଜଣାପଡିଛି। ହେଲେ ବର୍ତ୍ତମାନ ଉକ୍ତ ପାର୍କ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ବେଳେ ଉଦ୍‌ଘାଟନ ପୂର୍ବରୁ ପାର୍କର ବିଭିନ୍ନ ସାମଗ୍ରୀ ଭଙ୍ଗା ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ପାର୍କରେ ବ୍ୟବହୃତ ଚୌକି, ବଦ୍ୟୁତ୍‌ଉପକରଣ, ଚଟାଣରେ ବ୍ୟବହୃତ ଟାଇଲସ, ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀଗୁଡ଼ିକ ଭଙ୍ଗାରୁଜା ଅବସ୍ଥାରେ ପଡ଼ିରହିଛି। ଏ ନେଇ ଭୋଜପୁର ସରପଞ୍ଚ କୁଳମଣି ନାୟକଙ୍କୁ ପଚାରିବାରୁ ପାର୍କରେ କୌଣସି ଦୁର୍ବୃତ୍ତ ଭାଙ୍ଗିବା ସହ ବ୍ୟବହୃତ ସାମଗ୍ରୀ ଚୋରି କରି ନେଇ ଯାଇଥିବା କହିଛନ୍ତି। ଏ ନେଇ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଶୌଚାଳୟରେ ଖସିପଡ଼ି ମହିଳା ମୃତ

**ରାଉରକେଲା ଅଫିସ,୧୮।୨:** ଶୌଚାଳୟରେ ଖସିପଡିବାରୁ ରାଉରକେଲା ସେକ୍ଟର-୩ ଥାନା ଅନ୍ତର୍ଗତ କଲ୍ୟାଣୀବସ୍ତିର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଯମୁନା ଓରଫ ଶ୍ୟାମପତି ପାଣ୍ଡେ(୫୯)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ସେକ୍ଟର-୨ କଲ୍ୟାଣୀବସ୍ତିର ଯମୁନା ଶନିବାର ସକାଳ ସାଢେ ୧୦ଟାରେ ଘର ଶୌଚାଳୟରେ ଗାଧୋଉଥିବାବେଳେ କୌଣସି କାରଣରୁ ତାଙ୍କ ଗୋଡ ଖସି ଯାଇଥିଲା। ଫଳରେ ତାଙ୍କ ପଛପଟ ମୁଣ୍ଡରେ ଖୁବ୍ ଜୋରରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୩ ଦିନରେ ୬ ସ୍ଥାନରୁ ଚୋରି

**ବଡ଼ଗାଁ, ୧୮।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଚୋରି ହୋଇଛି। ତିନିଦିନ ମଧରେ ଛଅଟି ସ୍ଥାନରୁ ଚୋରି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ମଚାମରା ଗ୍ରାମର ଗୋବର୍ଦ୍ଧନ ରୋହିଦାସଙ୍କ ଘର ସମ୍ମୁଖରେ ଥିବା ତାଙ୍କ ପାୱାର ଟିଲାରର କାଜୁଏଲ ଓ ୩ଏଚପି ଡିଜେଲ ମୋଟର, ସେହି ଗାଁର ଚକ୍ର ରୋହିଦସଙ୍କ ଟ୍ରାକ୍ଟରର କାଜୁଏଲ ଚୋରି ହୋଇଥିଲାବେଳେ ସାହାଜବାହାଲ ଗାଁର ବିରଞ୍ଚି ନାଏକଙ୍କ ପାଣି ମୋଟର ଚୋରି ହୋଇଛି। ଶୁକ୍ରବାର ରାତିରେ ସାହାଜବାହାଲ ଗାଁର ରାଜେଶ ସାହୁଙ୍କ ଘର ପଛ ପଟ କବାଟ ଭାଙ୍ଗି କଂସା ବାସନ, ଷ୍ଟିଲ ଫର୍ଣ୍ଣିଚର୍, ଟେବୁଲ ଫେନ, ଇନଭେଟର, ଲୁଗାପଟା ଆଦି ଘରର ପ୍ରାୟ ସମସ୍ତ ସାମଗ୍ରୀ ଚୋରମାନେ ନେଇଯାଇଛନ୍ତି। ସେହି ରାତିରେ କିଞ୍ଜିରକେଲା ଗାଁର ହେମନ୍ତ ବିଶିଙ୍କ ଘର ସମ୍ମୁଖରେ ରଖିଯାଇଥିବା ତାଙ୍କ ଟ୍ରାକ୍ଟରର କାଜୁଏଲକୁ ଚୋରମାନେ ନେଇଯାଇଛନ୍ତି। ଏ ନେଇ ସେମାନେ ଥାନାରେ ଲିଖିତ ଜଣାଇଛନ୍ତି।

### ଶିବରାତ୍ରି ଅବସରରେ ଶୈବପୀଠରେ ଭକ୍ତଙ୍କ ଭିଡ଼

**ହେମଗିର,୧୮।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ଅଞ୍ଚଳର ଶିବାଳୟମାନଙ୍କରେ ଶିବରାତ୍ରୀ ଅବସରରେ ଭକ୍ତମାନଙ୍କ ସମାଗମ ଦେଖିବାକୁ ମିଳିଛି। ହେମଗିରସ୍ଥିତ ଝାଡେଶ୍ୱର ମନ୍ଦିର, ଡୁରୁବଗା ଶିବ ମନ୍ଦିର, କେନ୍ଦୁଡିହି ଶିବ ମନ୍ଦିର, ଚନାଖାଇ ଶିବ ମନ୍ଦିର ଆଦି ବିଭିନ୍ନ ଶୈବ ପୀଠମାନଙ୍କରେ ଭକ୍ତମାନଙ୍କ ସମାଗମ ଦେଖିବାକୁ ମିଳିଛି। ଶିବରାତ୍ରି ଅବସରରେ ଶୈବପୀଠମାନଙ୍କରେ ଭକ୍ତଙ୍କ ଭିଡ ଲାଗୁଛି।

### ବିଜେଡି ଜିଲା ଉପସଭାପତିଙ୍କ ସ୍ତ୍ରୀଙ୍କ ଦେହାନ୍ତ

**ହେମଗିର,୧୮।୯(ଡି.ଏନ.ଏ ):** ସୁନ୍ଦରଗଡ଼ ଜିଲା ବିଜେଡି ଉପସଭାପତି ଶୁକାନ୍ତ ପତିଙ୍କ ସ୍ତ୍ରୀ ଜୟନ୍ତୀ ପତିଙ୍କ ହେମଗିର ସ୍ୱାସ୍ଥ୍ୟକେନ୍ଦ୍ରରେ ଦେହାନ୍ତ ଘଟିଛି। ମିଳିଥିବା ସୂଚନା ଅନୁସାରେ ଶନିବାର ଦିନ ପ୍ରାୟ ୪ଟା ସମୟରେ ଅସୁସ୍ଥ ଅନୁଭବ କରିବାରୁ ହେମଗିର ସାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ଏହି ଅବସରରେ ହେମଗିର ଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।


ଭକ୍ତମାନେ ମନ୍ଦିର ପରିସରରେ ଦୀପ ଜାଳୁଛନ୍ତି।



ବେଦବ୍ୟାସରେ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ମେଳା।

# ହରହର ମହାଦେବରେ କମ୍ପିଲା ଶୈବପୀଠ

**ରାଉରକେଲା ଅଫିସ,୧୮।୨**

■ ୩୨ ଶୈବାଳୟରେ ଜାଗର ମେଳା
■ ପୂଜାର୍ଚ୍ଚନା ପରେ ଉଠିଲା ମହାଦୀପ

କୋଏଲ, ଶଙ୍ଖ ଏବଂ ଅଦୃଶ୍ୟ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମସ୍ଥଳର ଅଗ୍ରଭାଗରେ ରହିଛି ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠ। ଏହୀ ପୀଠରେ ଶନିବାର ସମାରୋହରେ ମହାଶିବରାତ୍ରି ପାଳିତ ହୋଇଛି। ଏଥିପାଇଁ ପ୍ରତ୍ୟୁଷରୁ ବାବା ଚନ୍ଦ୍ରଶେଖର ଓ ବାଲୁଙ୍କେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଙ୍କ ପ୍ରବଳ ସମାଗମ ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ପବିତ୍ର ଜଳ, କ୍ଷୀର, ବେଲପତ୍ରରେ ମହାଦେବଙ୍କୁ ଅଭିଷେକ କରିଥିଲେ। ଶୈବଭକ୍ତଙ୍କ ହରହର ମହାଦେବ ଶବ୍ଦରେ ବେଦବ୍ୟାସ ପୀଠ କମ୍ପିଉଠିଥିଲା। ବେଦବ୍ୟାସ ପୀଠରେ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିବା ପାଇଁ ସରସ୍ୱତୀ କୁଣ୍ଡ ପାର୍ଶ୍ୱରୁ ପ୍ରବେଶ ବ୍ୟାରିକେଟ୍ ବ୍ୟବସ୍ଥା ହୋଇଥିଲା। ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କ ଦର୍ଶନ କରିପାରିବେ ସେ ନେଇ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପୂଜକ କୈଳାସ ଚନ୍ଦ୍ର ଦେହୁରୀ ଓ ଦେବେନ୍ଦ୍ର ଦେହୁରୀ ଠାକୁରଙ୍କ ସମସ୍ତ ନୀତିକାନ୍ତି ସୂଚାରୁ ରୂପେ ତୁଲାଇଥିଲେ। ବାଲୁକେଶ୍ୱର ମନ୍ଦିର ସମ୍ମୁଖରେ ସାଧୁସନ୍ଥମାନେ ଶିବନାମ କୀର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା। ମନ୍ଦିର ପ୍ରବେଶ ପଥ କାନ୍ଥରେ ଅଙ୍କିତ ଚିତ୍ର ଭକ୍ତମାନଙ୍କୁ ବିଶେଷ ଆକର୍ଷିତ କରିଥିଲା। ଏହି ମେଳାରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବେଦବ୍ୟାସ ଶାଖା ପକ୍ଷରୁ ସତ୍ୟମ-ଶିବମ-ସୁନ୍ଦରମ ଆଧାତ୍ମିକ ମେଳା ଉଦ୍‌ଘାଟିତ ହୋଇଛି। ଏହି ମେଳା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ଶ୍ରଦ୍ଧାଳୁଙ୍କୁ ଜ୍ଞାନ, ବିଜ୍ଞାନ ଓ ଆଧ୍ୟାତ୍ମିକତା ମିଳନର ନିଆରା ଅନୁଭୂତି ପ୍ରଦାନ କରାଯିବ ବୋଲି ବ୍ରହ୍ମ କୁମାର ମନୋଜ ଦାସ ସୂଚନା ଦେଇଛନ୍ତି। ସେହିପରି ରାଉରକେଲାରେ ସମୁଦାୟ ୩୨ଟି ଶୈବାଳୟରେ ଜାଗର ଯାତ୍ରା ପାଳିତ ହୋଇଛି। ଏଥିପାଇଁ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ସିନାପାଲି,୧୮।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦଶମ ବାର୍ଷିକ ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ଏଥିସହ ୫ ଦିନ ବ୍ୟାପୀ ଚାଲିଥିବା ନଅ କୁଣ୍ଡୀୟ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞରେ ପୂର୍ଣ୍ଣାହୂତି ଘଟିଛି। ମନ୍ଦିର ପରିଚାଳନା ସମିତି ସଭାପତି ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ମନ୍ଦିର ଆଜୀବନ ସଦସ୍ୟ ଏବଂ ଭୋଗଦାତାଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଡମୱରୁଧର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଲୋକନାଥ ମେହେର, ପ୍ରଦୀପ ଜୈନ, ତୁଳସୀରାମ ମେହେର, ନରହରି ମେହେର, ପ୍ରମୋଦ ଯୋଷୀ, ତପେଶ୍ୱର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ନବୀନ ଚନ୍ଦ୍ର ମେହେର ସ୍ୱାଗତ କରିଥିବା ବେଳେ ସମ୍ପାଦକ ତୁଳସୀରାମ ମେହେର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଯଜ୍ଞକାର୍ଯ୍ୟ ପରିଚାଳନା କରିଥିବା ପୂର୍ଣ୍ଣଚନ୍ଦ୍ର ମେହେର, ତ୍ରିନାଥ ମେହେର, ସନ୍ତୋଷ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶିବ ପ୍ରସାଦ ମେହେର ପରିଚାଳନା କରିଥିବା ବେଳେ ରୂପେଶ ଚଂଦ୍ର ମେହେର ଧନ୍ୟବାଦ ଦେଇଥିଲେ। ସମିତି ପକ୍ଷରୁ ସାମୂହିକ ଅନ୍ନପ୍ରସାଦ ସହ ଛପନ ଭୋଗର ବ୍ୟବସ୍ଥା କରାଯାଇଥିଲା।

## ଧାନକିଣାରେ ଅବ୍ୟବସ୍ଥା, କଟ୍‌ନିଛଟ୍‌ନି

**ସୁନ୍ଦରଗଡ଼,୧୮।୨(ଡି.ଏନ.ଏ.)**



ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

■ କଂଗ୍ରେସ କମିଟି ପ୍ରତିନିଧି ଦଳ ପ୍ରଶାସନର ଦ୍ୱାରସ୍ଥ
■ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ

ସୁନ୍ଦରଗଡ଼ ଜିଲାରେ ଧାନକିଣାରେ ଅବ୍ୟବସ୍ଥା ଓ କଟନୀଛଟନୀକୁ ନେଇ ଶୁକ୍ରବାର ଜିଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ଧାନ ମଣ୍ଡି ମାନଙ୍କରେ ହେଉଥିବା .ଅବ୍ୟବସ୍ଥା ଓ ବସ୍ତା ପିଛା ଚାରି କିଲୋରୁ ଦଶ କିଲୋ ପର୍ଯ୍ୟନ୍ତ କାଟୁଥିବା ଏବଂ ଚାଷୀମାନଙ୍କ ବସ୍ତାର ପ୍ରାପ୍ୟ ନ ଦେବା ଉପରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଓ ଏଆରସିଏସ ଗ୍ରାଭିଏଲ ସୋରେଙ୍ଗଙ୍କୁ ପ୍ରଦାନ କରିବା ସହିତ ଆଲୋଚନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲା ଉପସଭାପତି ଅଜିତ ପ୍ରସାଦ, ଜିଲା ସାଧାରଣ ସମ୍ପାଦକ କାଳୀପଦ ସାମଲ, ପର୍ଶୁରାମ ସରାଫେ, ସତ୍ୟ ନାରାୟଣ ସାହୁ, ପ୍ରଦେଶ କଂଗ୍ରେସ ସେବାଦଳ ସମ୍ପାଦକ ମୁନୁସରାଫ, ପର୍ଶୁରାମ ସରାଫ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ, ବାଲିଶଙ୍କରା ବ୍ଲକ ସଭାପତି ସୁଧାଂଶୁ ପଶାୟତ ଉପସ୍ଥିତ ରହି ମିଲର ଓ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା ବନ୍ଦ କରିବାକୁ ଦାବି କରିଥିଲେ। ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ପ୍ରତିକାର ନ ହେଲେ ଭବିଷ୍ୟତରେ କଂଗ୍ରେସ ଦଳ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।


ଶିବରାତ୍ରି ଉପଲକ୍ଷେ ସୁନ୍ଦରଗଡ଼ର ଏକ ଶୈବପୀଠରେ ମହାଦେବଙ୍କ ଦର୍ଶନ ଲାଗି ଭକ୍ତଙ୍କ ଲାଇନ ଲାଗିଛି।

### ବ୍ୟବସାୟିକ ଭିତ୍ତିକ ଛତୁଚାଷ ତାଲିମ ଶିବିର

**ସୁନ୍ଦରଗଡ଼, ୧୮।୨(ଡି.ଏନ୍.ଏ)**

ଛତୁଚାଷରେ ଯୁବତୀ, ଯୁବକମାନଙ୍କୁ ସଫଳ ଉଦ୍ୟୋଗୀର ଲକ୍ଷ୍ୟ ନେଇ ସୁନ୍ଦରଗଡ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଏକ ଦକ୍ଷତାମୂଳକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ଜଣ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ ଶିବିରରେ ବିଭିନ୍ନ ପ୍ରକାର ଛତୁଚାଷ, ପାଣିପାଗ, ଚାଷପ୍ରଣାଳୀ, ଅମଳ ପରବର୍ତ୍ତୀ ଯତ୍ନ, ପରବର୍ତ୍ତୀ ରୋଗପୋକ ପରିଚାଳନା, ଉତ୍ପାଦନ ମିଳିବାର ସୁବିଧା ସୁଯୋଗ ଉପରେ ଆଲୋଚନା କରି ପ୍ରଶିକ୍ଷଣ ଦିଆଯାଇଥିଲା। କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡ. ମନୋଜ କୁମାର ଜେନା ତାଲିମ ପ୍ରଦାନ କରିଥିଲେ। ଜିଲା ଉପକୃଷି ନିର୍ଦ୍ଦେଶକ ମାନସିଂ ସୋରେନ୍, କୃଷିଉତ୍ପାଦ ମୁଖ୍ୟ ପ୍ରଣମେଶ କର ଚାଷୀମାନଙ୍କୁ ସରକାରୀ ଯୋଜନାଗୁଡିକ ବିଷୟରେ ସୂଚନା ଦେବା ସହ ଚାଷକୁ ଆଗକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ତାଲିମପ୍ରାପ୍ତ ଚାଷୀମାନଙ୍କର ମୂଲ୍ୟାଙ୍କନ କରାଯାଇ ମାନ୍ୟତାପତ୍ର ବଣ୍ଟନ କରାଯାଇଥିଲା। କୃଷିବିଜ୍ଞାନ ତରଫରୁ ପ୍ରଶିକ୍ଷାର୍ଥୀମାନଙ୍କୁ ପାଳଛତୁ ଓ ଧିଙ୍ଗିରିଛତୁର ମଞ୍ଜି, ପଲିଥିନ୍ ଏବଂ ଆବଶ୍ୟକୀୟ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନକେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ଡ. ଦିବ୍ୟେନ୍ଦୁ ମଣ୍ଡଳ, ସଞ୍ଜୀବ ବିଶ୍ୱାସୀ, ଡେଭିଡ ଜେମସ୍ ବାଗେ, ଅରୁଣ କୁମାର ମିଶ୍ର, କମଳ ଲୋଚନ ମହନ୍ତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଡାଲମିଆ ସିମେଣ୍ଟ ନ୍ୟାଶନାଲ ମାନୁଫାକ୍ଟରିଂ ହେଡ୍‌ଙ୍କୁ ବିଜ୍‌ନେସ ଲିଡର ଆୱାର୍ଡରେ ସମ୍ମାନିତ



ଡାଲମିଆ ସିମେଣ୍ଟ ଲିମିଟେଡର ସିନିୟର ଇଡିଙ୍କୁ ସମ୍ମାନିତ କରାଯାଉଛି।

**ସୁନ୍ଦରଗଡ଼/ରାଜଗାଙ୍ଗପୁର,୧୮।୨(ଡି.ଏନ.ଏ.)**

ଭାରତର ଏକ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ସିନିୟର ଇଡି ଏବଂ ନ୍ୟାସନାଲ ମାନୁଫାକ୍ଟରିଂ ହେଡ ଗଣେଶ ଡବ୍ଲ୍ୟୁ ଜିର୍କୁଷ୍ଟୱାରଙ୍କୁ ଇଟି ଆସେଣ୍ଟ ବିଜିନେସ ଲିଡର ଆୱାର୍ଡରେ ସମ୍ମାନିତ କରାଯାଇଛି। ଶୁକ୍ରବାର ଇଟି ଆସେଣ୍ଟ ଦ୍ୱାରା ଆୟୋଜିତ ବିଜିନେସ ଲିଡର ଅଫ ଦି ଇଅର ଆୱାର-୨୦୨୩ର ୨୧ ତମ ଗ୍ଲୋବାଲ ସଂସ୍କରଣ ଏବଂ ଷଷ୍ଠ ଭାରତୀୟ ସଂସ୍କରଣର କାର୍ଯ୍ୟକ୍ରମ ମୁମ୍ବାଇର ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆୱାର୍ଡଟି କୁ ଡ଼.ଭାସ୍କର ଚାଟାର୍ଜୀ, ଆଇ.ଏ.ସ, ପୂର୍ବତନ ଡ଼ାଇରେକ୍ଟର ଜେନେରାଲ ତଥା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ କର୍ପୋରେଟ ଆଫେୟାର୍ସ ସିଇଓଙ୍କ ଦ୍ୱାରା ଶିଳ୍ପ କ୍ଷେତ୍ରର ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜିର୍କୁଷ୍ଟୱାରଙ୍କୁ ସମ୍ମାନିତ କରାଯାଇଥିଲା। ଏଠାରେ ଉଲେଖ୍ୟଯୋଗ୍ୟ ଯେ, ଜିର୍କୁଷ୍ଟୱାର ସର୍ବଦା ଉତ୍ତମ ରଣନୀତି ଏବଂ ସିମେଣ୍ଟ ବ୍ୟବସାୟ ସହିତ ଶିଳ୍ପ କ୍ଷେତ୍ରରେ ଚିରସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦେଇଆସିଛନ୍ତି । ଭାରତର ବିଭିନ୍ନ ବୃହତ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରିବା ବ୍ୟତୀତ ଜିର୍କୁଷ୍ଟୱାର ଉତ୍ତର ଆମେରିକା ଏବଂ ଇଉରୋପିଅ ରାଷ୍ଟ୍ରରେ ମଧ କାର୍ଯ୍ୟ କରିଛନ୍ତି । ଏହି ସମାରୋହରେ ଦେଶର ବିଶିଷ୍ଟ ଶିଳ୍ପପତି ତଥା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ମଧ ଦେଖିବାକୁ ମିଳିଥିଲା। ଡାଲମିଆ ଭାରତରେ ଏହା ଆମ ସମସ୍ତଙ୍କ ପାଇଁ ପ୍ରକୃତରେ ଏକ ଗର୍ବର ମୁହୂର୍ତ୍ତ ଏବଂ ଏହି ସଫଳତା ହାସଲ କରିବା ଏବଂ ଡାଲମିଆ ସିମେଣ୍ଟକୁ ପରବର୍ତ୍ତୀ ଉଚ୍ଚତାକୁ ନେଇଥିବାରୁ ଆମେ ଜିର୍କୁଷ୍ଟୱାରଙ୍କୁ ଅଶେଷ ଅଭିନନ୍ଦନ ଜଣାଉଛୁ ବୋଲି ଉକ୍ତ କମ୍ପାନୀର କର୍ମଚାରୀମାନେ କହିଛନ୍ତି।

## ଡ୍ରୋଜର କାମ କରୁଥିବାରୁ ଢଳେଇ ରାସ୍ତା ଭାଙ୍ଗୁଛି

**କୁଆଁରମୁଣ୍ଡାରେ ପାଣି ପାଇପ ବିଛା କାର୍ଯ୍ୟ ନିମ୍ନମାନର**

**କୁଆଁରମୁଣ୍ଡା,୧୮।୨(ଡି.ଏନ.ଏ.)**


କୁଆଁରମୁଣ୍ଡା ସରବେରାଣିରେ ପାଣି ପାଇପ ଖୋଳା କାର୍ଯ୍ୟ ମେସିନରେ ଚାଲୁଛି।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର କୁଆଁରମୁଣ୍ଡା ପଞ୍ଚାୟତର ବିଭିନ୍ନ ଗଳି ଅଞ୍ଚଳକୁ ପାଣି ପାଇପ ସଂଯୋଗ କାର୍ଯ୍ୟ ଚାଲୁଅଛି। ହେଲେ ଗଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କର ଦୀର୍ଘ ଦିନର ଦାବି ଫଳରେ ନିର୍ମିତ ଢ଼ଳେଇ ରାସ୍ତାଗୁଡିକ ଏହି ପାଇପ ବିଛାରେ ନିୟୋଜିତ ଡ୍ରୋଜର ଯୋଗୁ ଭାଙ୍ଗି ନଷ୍ଟ ହେଉଛି। ଫଳରେ ଲୋକେ ଯାତାୟାତ ନିମନ୍ତେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆହୁରି ମଧ ନୂଆ, ପୁରୁଣା ଢ଼ଳେଇ ରାସ୍ତା ଡ୍ରୋଜର ଦ୍ୱାରା ଭାଙ୍ଗି ନଷ୍ଟ ହେବା ଯୋଗୁ ସରକାରଙ୍କ ଲକ୍ଷାଧିକ ଟଙ୍କା ନଷ୍ଟ ହେଉଛି। ଏହା ସହ ପାଇପ ବିଛା କାର୍ଯ୍ୟସ୍ଥଳରେ ଠିକାସଂସ୍ଥା କିମ୍ବା ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ନିମ୍ନମାନର କାର୍ଯ୍ୟ ଚାଲୁଥିବା ଅଭିଯୋଗ ହେଉଛି। ୩ ଫୁଟ ଗଭୀରରେ ପାଇପ ପୋତା ଯାଉ ନ ଥିବାରୁ କାର୍ଯ୍ୟର ସ୍ଥାୟୀତ୍ୱ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସେହିପରି ମେସିନ (ଡ୍ରୋଜର) ବଦଳରେ ମାନୁଆଲ କାମ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

### କୁଆଁରମୁଣ୍ଡାରେ ମହାଶିବରାତ୍ରି ପାଳିତ

**କୁଆଁରମୁଣ୍ଡା,୧୮।୨(ଡି.ଏନ.ଏ)**

କୁଆଁରମୁଣ୍ଡା ବ୍ଲକରେ ମହାଶିବରାତ୍ରି ଉତ୍ସବ ଧୁମଧାମରେ ପାଳିତ ହେଉଛି। ବିଗତ ୨ ବର୍ଷ ହେଲା ଫିକା ପଡିଥିବା ଏହି ଉତ୍ସବ ଚଳିତବର୍ଷ ବହୁ ଆଡ଼ମ୍ବରରେ ପାଳନ କରାଯାଉଛି। ବିଶେଷ କରି କୁଆଁରମୁଣ୍ଡା ବ୍ଲକ ଚନ୍ଦ୍ରଚୁଡ ମନ୍ଦିରରେ ବିଡ଼ିଓ ତୃପ୍ତି ବରାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବରାତ୍ରି ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଜାଗର ଜାଳିବା ସହ ଅନ୍ନପ୍ରସାଦ ସେବନ କରୁଛନ୍ତି। ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୭ଟି କୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ଏଠାରେ ଅଷ୍ଟମ ପ୍ରହର ନାମଯଜ୍ଞ ଜୋରଦାର ଅନୁଷ୍ଠିତ ହେଉଛି। ବ୍ଲକ ପ୍ରଶାସନ ପକ୍ଷରୁ ଏବିଡ଼ିଓ ପ୍ରଶାନ୍ତ ଜେନା, ଏଇଇ ଚୈତନ୍ୟ ହେମ୍ବ୍ରମ, ଜେଇ ଭରତ ସାହୁ, ଏପିଓ ବିଷ୍ଣୁମୋହନ ନାୟକ, ଦେବବ୍ରତ ଦାସ, ଶିବନାରାୟଣ ସାହୁ, ମହେଶ୍ୱର ମିଶ୍ର, ଅଜୟ ସାହୁ, ଗୁରୁଚରଣ ସାହୁଙ୍କ ସହ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁକୁର,ସରପଞ୍ଚ ରାଜେଶ ହାସଦା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରୁଛନ୍ତି।

## ଏସିଡ୍ ମାଡ଼ ଘଟଣାର ପର୍ଦ୍ଦାଫାଶ, ୨ଗିରଫ

**ଦେବଗଡ଼, ୧୮।୨(ଡି.ଏନ୍.ଏ.)**

**ଅନୈତିକ ସମ୍ପର୍କ ଓ ନିଶା କାରବାର ଯୋଗୁ ଘଟିଥିଲା ଘଟଣା**


ଦେବଗଡ଼ ପୋଲିସ ଦ୍ୱାରା ଗିରଫ ଦୁଇ ଅଭିଯୁକ୍ତ।

ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ରଜାମୁଣ୍ଡା ଗ୍ରାମଠାରେ ଜଣେ ଯୁବକ ଉପରେ ଏସିଡ୍ ମାଡ଼ ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୨ଜଣକୁ ଗିରଫ କଲା ଦେବଗଡ଼ ଥାନା ପୋଲିସ । ଅନୈତିକ ସମ୍ପର୍କ ଓ ନିଶା କାରବାର ଅର୍ଥ ଭାଗବଣ୍ଟାକୁ ନେଇ ହୋଇଥିଲା ଏସିଡ୍ ମାଡ଼। ଜାନୁଆରୀ ୯ ତାରିଖ ରାତିରେ ଘଟିଥିଲା ଘଟଣା। ଏସିଡ ମାଡ଼ରେ ୨୨ ବର୍ଷୀୟ ଯୁବକ ସିକନ ପ୍ରଧାନ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ପୀଡିତ ଯୁବକଙ୍କ ପରିବାର ପକ୍ଷରୁ ଦେବଗଡ଼ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ତଦନ୍ତ ସମୟରେ ପୀଡିତ ସିକନ ରଜାମୁଣ୍ଡା ମୁଣ୍ଡାସାହିର ସୁକାନ୍ତି ମୁଣ୍ଡା ଓ ମାଣ୍ଡୁଳ ମୁଣ୍ଡାଙ୍କ ସହ ଗଞ୍ଜେଇ କାରବାର କରିବା ସୁକାନ୍ତିଙ୍କ ସହ ଅନୈତିକ ସମ୍ପର୍କ ରଖି ଆସୁଥିଲା। ସୁକାନ୍ତିଙ୍କୁ ନିଜ ସହ ନେଇଯିବାକୁ ବାଧ୍ୟକରି ଆସୁଥିଲା। ମାତ୍ର ସୁକାନ୍ତିଙ୍କ ସ୍ୱାମୀ ଓ ୨ ସନ୍ତାନ ଥିବାରୁ ସେ ଏଥିରେ ରାଜି ହୋଇ ନ ଥିଲେ । ଅନ୍ୟ ପକ୍ଷରେ ସୁକାନ୍ତିଙ୍କ ଝିଅ ସହ ମାଣ୍ଡୁଳର ମିଳାମିଶାକୁ ଦେଖି ସୁକାନ୍ତି ଉଭୟଙ୍କୁ ଆକଟ କରିବାରୁ ମାଣ୍ଡୁଳ ଏଥିପାଇଁ ସିକନକୁ ଦାୟୀ କରିଥିଲା । ସେହିପରି ସିକନ ସୁକାନ୍ତିଙ୍କୁ ଗଞ୍ଜେଇ ବେପାର ଲାଭ ଅର୍ଥ କମ ଦେଉଥିବା ଅଭିଯୋଗ କରି ତା କଥାରେ ରାଜି ନ ହେଲେ ଘଟଣା ପ୍ରଘଟ କରିବାର ଚେତାବନୀ ଦେଇଆସୁଥିଲା । ସିକନକୁ ରାସ୍ତାରୁ ହଟାଇବା ଚିନ୍ତାକରି ସୁଯୋଗ ଖୋଜୁଥିବା ସୁକାନ୍ତି ସିକନ ଓ ମାଣ୍ଡୁଳ ମଧ୍ୟରେ ତିକ୍ତତା ହୋଇଥିବା ଜାଣିଥିଲା। ପରେ ସୁକାନ୍ତି ମାଣ୍ଡୁଳକୁ ନିଜ ଘରକୁ ଡାକି ସିକନ ଉପରେ ପ୍ରତିଶୋଧ ନେବାପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଯୋଜନା ମୁତାବକ ସୁକାନ୍ତି ଘଟଣାର ପୂର୍ବ ଦିନରୁ ଗ୍ୟାରେଜରୁ ବ୍ୟାଟେରୀ ଏସିଡ ସଂଗ୍ରହ କରି ଚର୍ଚ୍ଚ ନିକଟସ୍ଥ ପାର୍କ ପଟକୁ ରାତିରେ ପୀଡିତ ସିକନକୁ ଡାକିଥିଲା । ସିକନ ସେଠାରେ ପହଞ୍ଚିବା ପରେ ସେଠାରେ ପୂର୍ବରୁ ଥିବା ମାଣ୍ଡୁଳ ସିକନ ମୁଣ୍ଡରେ ଏସିଡ ଢାଳି ଫେରାର ହୋଇଯାଇଥିଲା। ଘଟଣାର ତଦନ୍ତ ପରେ ଏସିଡ୍ ଆଟାକର ରହସ୍ୟକୁ ପୋଲିସ ପର୍ଦାଫାସ କରିଥିବାବେଳେ ଘଟଣାର ସମ୍ପୃକ୍ତ ଦୁଇ ଅଭିଯୁକ୍ତ ସୁକାନ୍ତି ମୁଣ୍ଡା ଓ ମାଣ୍ଡୁଲୁ ମୁଣ୍ଡାକୁ ଗିରଫ କରିଛି।

## ଟ୍ରେନରେ କଟି ଯୁବକ ମୃତ

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ମୁରିବାହାଲ ରେଳ ସେକ୍ସନର ପମ୍ପୁ ତଲାବ ନିକଟରେ ଶନିବାର ସକାଳେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ କଣ୍ଟାବାଞ୍ଜି ସିପକାପଡାର ଭୁପେନ୍ଦ୍ର କୁମ୍ଭାର(୨୦) ବୋଲି ଚିହ୍ନଟ କରାଯାଇଛି। ଜିଆରପି ଏକ ଅପମୃତ୍ୟୁ ମାମଲା(୫/୨୩) ରୁଜୁ କରିଥିବା ଏଏସଆଇ ପୂର୍ଣ୍ଣଚନ୍ଦ୍ର ପୁଟେଲ କହିଛନ୍ତି।



# ଦୀର୍ଘସୂତ୍ରୀ ପ୍ରସ୍ତାବକୁ କାର୍ଯ୍ୟକାରୀ କର

**ବଲାଙ୍ଗୀର ଅଫିସ, ୧୮।୨**


ବିଧାୟକ ନରସିଂହ ମିଶ୍ର ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରୁଛନ୍ତି।

- ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ରୋଜଗାର ଓ ପର୍ଯ୍ୟଟନ ଭିତ୍ତିଭୂମି ସଲଖାଅ
- ୪ବର୍ଷ ଯାଏ ଜିଲା ଯୋଜନା କମିଟି ବୈଠକ ନ ବସିବାରୁ କ୍ଷୋଭ
- ଖବରଦାତା ସମ୍ମିଳନୀରେ ବିଧାୟକ ନରସିଂହ ମିଶ୍ର ଦେଲେ ସୂଚନା

ଦୀର୍ଘ ୪ ବର୍ଷ ପରେ ବଲାଙ୍ଗୀର ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲାର ଗୁରୁତ୍ୱପୂର୍ଣ୍ଣ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ରୋଜଗାର ଏବଂ ପର୍ଯ୍ୟଟନ ପ୍ରକଳ୍ପ ଉପରେ ଆଲୋଚନା କରାଯାଇ ସରକାରଙ୍କ ପାଖକୁ ପଠାଯାଇଛି। ଏହି ଦୀର୍ଘସୂତ୍ରୀ ପ୍ରସ୍ତାବ ଉପରେ ସରକାର ଗୁରୁତ୍ୱ ଦେଇ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଛି। ଶନିବାର ସ୍ଥାନୀୟ ହୋଟେଲ ସେଲିବ୍ରେସନ୍ ଠାରେ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ନରସିଂହ ମିଶ୍ର ଏହା କହିଛନ୍ତି।

ସେ କହିଥିଲେ ଯେ, ଜିଲା ଯୋଜନା କମିଟି ବୈଠକର ଗୁରୁତ୍ୱ ରହିଛି। ଏଠାରେ ଜିଲାର ବିକାଶ ନକ୍ସା ତିଆରି କରାଯାଏ। ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଜନପ୍ରତିନିଧି, ଗ୍ରାମପଞ୍ଚାୟତ, ପୌର ପରିଷଦ ଓ ଜିଲା ପରିଷଦରୁ ଅଞ୍ଚଳର ବିକାଶକୁ ନେଇ ବିଭିନ୍ନ ପ୍ରସ୍ତାବ ଆସିଥାଏ । ଯାହା ଠିକ ତାହା ଏହି ବୈଠକରେ ପାରିତ ହୋଇଥାଏ। କିନ୍ତୁ ବିଡମ୍ବନାର ବିଷୟ ଦୀର୍ଘ ୪ ବର୍ଷ ହେଲା ବଲାଙ୍ଗୀରରେ ଜିଲା ଯୋଜନା କମିଟି ବୈଠକ ବସି ନ ଥିଲା। କରୋନାକୁ ଆଳ ଦେଖାଯାଇଥିଲା। ବଜେଟ ଅଧିବେଶନ ପୂର୍ବରୁ ଯଦି ବଲାଙ୍ଗୀରର ବିକାଶକୁ ନେଇ ଜିଲା ଯୋଜନା କମିଟି ପ୍ରସ୍ତାବ ପାରିତ କରି ସରକାରଙ୍କ ପାଖକୁ ପଠା ନ ଯିବ ତେବେ ଏହି ଯୋଜନା କମିଟି ଥାଇ ଲାଭ କଣ ବୋଲି ସେ ପ୍ରଶ୍ନ କରିଥିଲେ। ବଲାଙ୍ଗୀର ଜିଲାରେ ଉତ୍କୃଷ୍ଟ କପାଚାଷ ଢ଼େର ଅମଳ ହେଉଥିବାରୁ ଏଠାରେ ଏକ ଟେକ୍ସଟାଇଲ ମିଲ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଛି ଏବଂ ଏହାକୁ ଯୋଜନା କମିଟି ବୈଠକରେ ପାରିତ କରାଯାଇଛି। ଦେଓଗାଁ ବିଜୟାନନ୍ଦ ଟିନିକଲ ପୁନଃ କାର୍ଯ୍ୟକ୍ଷମ କରାଯିବା, କଣ୍ଟାବାଞ୍ଜିରେ ରେଳ ବିଭାଗ ଅଧିନରେ ଥିବା ୭ ଶହ ଏକର ଜମିରେ ରେଳଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କର, ରାଣୀପୁର-ଝରିଆଲ, ଭୀମଡୁଙ୍ଗୁରିରେ ହରିଣ ପାର୍କ, ଗନ୍ଧେଲ ଡ୍ୟାମ, ଚାନ୍ଦଲି ପାହାଡର ଉନ୍ନତିକରଣ, ପୁରୁଣା ସମଲେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ସହ ଗୋପାଲଜୀ ମନ୍ଦିର ପାର୍ଶ୍ୱରେ ଥିବା ଦେବୋତ୍ତର ଜମିରେ ଏକ ଭବ୍ୟ ସମଲେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ୫୦୦ କୋଟି ଦାବି କରିବା ପାଇଁ ବିଧାୟକ ମିଶ୍ର ପ୍ରସ୍ତାବ ଦେଇଥିଲେ। ସ୍ୱାସ୍ଥ୍ୟସେବା ପାଇଁ ଭୀମ ଭୋଇ ମେଡିକାଲରେ ସୁପର ସ୍ପେସାଲିଟି ବିଭାଗ ଖୋଲିବା ସହ ଖାଲିଥିବା ଡାକ୍ତର ପଦବୀ ପୂରଣ, ଜଳସେଚନ ପାଇଁ ଜରାସିଂହା ଓ ଡୁଡକାଠାରେ ବ୍ୟାରେଜ ନିର୍ମାଣ, କଲେଜ ଓ ସ୍କୁଲଗୁଡିକରେ ଶିକ୍ଷକ ଓ ଅଧ୍ୟାପକ ପଦବୀ ପୂରଣ, ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ, ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଏବଂ ଡବ୍ଲ୍ୟୁଓଡିସି ମୁଖ୍ୟାଳୟ ପ୍ରତିଷ୍ଠା କରିବା ସହ ବାଇପାସ କାମକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ପ୍ରସ୍ତାବ ଦେବା ପରେ ଏହା ପାରିତ କରାଯାଇଛି। ଆଗାମୀ ବିଧାନସଭାରେ ରାଜ୍ୟର ପ୍ରସିଦ୍ଧ ବାଲୁକା ଶିଳ୍ପୀ ଓମପ୍ରକାଶ ସାହୁଙ୍କ ଅନୁରୋଧକ୍ରମେ ଗିନିଜ ବୁକ୍ ଅଫ୍ ରେକର୍ଡରେ ଜିଲାକୁ ସ୍ଥାନ ଦେବା ପାଇଁ ଏକ ବାଲୁକା କଳା ନିର୍ମାଣ ପାଇଁ ଆବଶ୍ୟକ ୩୦ଲକ୍ଷ ଟଙ୍କାର ଅନୁଦାନ ସେ ନିଶ୍ଚିତ ଭାବେ ଅଣାଯିବ ବୋଲି କହିଥିଲେ । ଶୁକ୍ରବାର ସଂସ୍କୃତି ଭବନ ଲୋକାର୍ପଣ ସମୟରେ ଘଟିଥିବା ଘଟଣାକୁ ନେଇ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଇ ବିଧାୟକ ମିଶ୍ର ଏକ ଏକ ସାଧାରଣ ଘଟଣା ଥିଲା। ଛୋଟବଡ ସମସ୍ତଙ୍କୁ ସେ ଉଚିତ୍ ସମ୍ମାନ ଦିଅନ୍ତି ମାତ୍ର ଯେଉଁ ଦଳର ଜିନ୍‌ଗତ ତ୍ରୁଟି ରହିଛି ସେମାନଙ୍କ ବିଷୟରେ କିଛି ନ କହିବା ଭଲ। ଯେଉଁମାନେ ବିଶୃଙ୍ଖଳା କରିଛନ୍ତି, ସେମାନେ ହିଁ ଅଭିଯୋଗ କରୁଛନ୍ତି ବୋଲି କହିଥିଲେ। ଏ ସଂକ୍ରାନ୍ତରେ ଏକ ଭିଡିଓ କ୍ଲିପ ଦେଖାଇ ମହିଳା କାଉନସିଲର ଜଣକ ଟେବୁଲରେ ହାତ ବାଡ଼େଇ ଥିବାରୁ ତାଙ୍କ ଚୁଡ଼ି ଭାଙ୍ଗିଥିବା ସ୍ପଷ୍ଟ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ମଞ୍ଚାସୀନ ଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ସହ ୨୨ଖଣ୍ଡ ଶାଗୁଆନ ଗଣ୍ଡି ଜବତ



**କଣ୍ଟାବାଞ୍ଜି,୧୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବନ ବିଭାଗ ପାଟ୍ରୋଲିଂ ଟିମ୍ ଶୁକ୍ରବାର ରାତିରେ ବରକାନି ଗ୍ରାମରେ ଚଢାଉ କରି ଏକ ଟ୍ରାକ୍ଟର ସହ ଚାଲାଣ ହେବାକୁ ଥିବା ୨୨ଖଣ୍ଡ ଶାଗୁଆନ ଗଣ୍ଡି ଜବତ କରିଛି। ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଜବତ ପ୍ରାୟ ୫୫ ସିଏଫଟି ଶାଗୁଆନ ଗଣ୍ଡିର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏ ନେଇ କଣ୍ଟାବାଞ୍ଜି ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। କାଠ ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। କଣ୍ଟାବାଞ୍ଜି ରେଞ୍ଜର ଶ୍ରଦ୍ଧାଦେବ ବଡମାଳି ଓ ବଙ୍ଗୋମୁଣ୍ଡା ରେଞ୍ଜର ଜନାର୍ଦ୍ଦନ ଠାକୁରଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

### ୨ବର୍ଷ ହେଲା ବସିନି ଆମ ପୋଲିସ ସମିତି ବୈଠକ

**ଦେଓଗାଁ,୧୮।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ଥାନାରେ ଗତ ଦୁଇ ବର୍ଷ ହେଲା ଆମ ପୋଲିସ ସମିତି ବୈଠକ ବସିନାହିଁ। ସରକାର ଥାନାକୁ ମୋ ସରକାରରେ ସାମିଲ କରିବା ପରେ ପୋଲିସ ଓ ଜଣସାଧାରଣଙ୍କ ମଧ୍ୟରେ ସମନ୍ୱୟ ପାଇଁ ପ୍ରତ୍ୟେକ ମାସରେ ଆମ ପୋଲିସ ସମିତି ବୈଠକ କରିବାକୁ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମାଧାନ ଦିଗରେ ପଦକ୍ଷେପ ନେବାକୁ ଏଥିରେ ଉଲ୍ଲେଖ ଥିଲା। ପୂର୍ବରୁ ପୋଲିସ ସମିତି ବୈଠକରେ ଅଞ୍ଚଳର ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି କିପରି ଠିକ୍ ରହିବ ସେ ତାହା ଉପରେ ମତ ରଖୁଥିଲେ। ହେଲେ ଦେଓଗାଁ ଥାନାରେ ଆମ ପୋଲିସ ସମିତି ବୈଠକ ନ ବସିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଜିଲା ଆରକ୍ଷୀ ଅଧୀକ୍ଷକ ଏ ଦିଗରେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଖୁଚୁରା ନ ଥିଲେ ଯାତ୍ରୀଙ୍କୁ ଟିକେଟ ମିଳୁନି

**ଲୋଇସିଂହା ରେଳ ଷ୍ଟେଶନ**

**ଲୋଇସିଂହା,୧୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ରେଳଷ୍ଟେଶନରେ ଖୁଚୁରା ଟଙ୍କା ନ ଥିଲେ ଯାତ୍ରୀଙ୍କୁ ଟିକଟ ମିଳୁନି ଏଥିପାଇଁ ଯାତ୍ରୀଙ୍କୁ ହଟହଟା ହେବାକୁ ପଡୁଛି । ଏହାକୁ ନେଇ ଯାତ୍ରୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ସକାଳେ ୬.୩୦ରେ ଲୋଇସିଂହା ଷ୍ଟେଶନରୁ ଛାଡିବାକୁ ଥିବା ଇସ୍ପାତ ଟ୍ରେନ ଯୋଗେ ସମ୍ବଲପୁର ଯିବା ପାଇଁ ଲୋଇସିଂହାର ସୁଶାନ୍ତ କୁମ୍ଭାର ନାମକ ଜଣେ ବ୍ୟକ୍ତି ତାଙ୍କ ସମ୍ପର୍କୀୟଙ୍କ ପାଇଁ ଷ୍ଟେଶନ କାଉଣ୍ଟରକୁ ଟିକେଟ କାଟିବାକୁ ଯାଇଥିଲେ। କାଉଣ୍ଟର କର୍ମଚାରୀ ଟିକେଟ ବାବଦକୁ ୬୫ଟଙ୍କା ମାଗିଥିଲେ। ହେଲେ ସୁଶାନ୍ତ ୭୦ଟଙ୍କା ଦେଇଥିଲେ। କର୍ମଚାରୀ ଜଣକ ଉକ୍ତ ଟଙ୍କା ଫେରାଇ ୬୫ଟଙ୍କା ଦେବାକୁ କହିଥିଲେ। ଖୁଚୁରା ୫ଟଙ୍କା ନ ଥିବା କହିବା ପରେ ଟିକେଟ ମିଳିବ ନାହିଁ ବୋଲି ସମ୍ପୃକ୍ତ କର୍ମଚାରୀ ଜଣକ ସୁଶାନ୍ତଙ୍କୁ କହିଥିଲେ। ଟ୍ରେନ ଆସିବା ସମୟ ହୋଇ ଯାଇଥିବାରୁ ୭୦ଟଙ୍କା ରଖି ଟିକେଟ ଦେବାକୁ ଅନୁରୋଧ କରିଥିଲେ ସୁଶାନ୍ତ। ହେଲେ ଖୁଚୁରା ନ ଥିବାରୁ କାଉଣ୍ଟରରେ ନୁହେଁ ବରଂ ଟ୍ରେନରେ ଟିକେଟ କାଟିବାକୁ କର୍ମଚାରୀ ଜଣକ କହିଥିଲେ। ଏ ସମ୍ପର୍କରେ ଷ୍ଟେଶନ ମାଷ୍ଟର ହେମନ୍ତ ମେହେରଙ୍କୁ ପଚାରିବାରୁ ସକାଳେ ମୁଁ ନ ଥିଲି। ତେବେ ଯାତ୍ରୀଙ୍କ ପ୍ରତି କାଉଣ୍ଟର କର୍ମଚାରୀ ଏପରି ବ୍ୟବହାର ଠିକ ନୁହେଁ ବୋଲି ସେ କହିଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ମୁରିବାହାଲ,୧୮।୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଦର ଗାଁର ଧର୍ମପ୍ରାଣା ମହିଳା ସୁଶୀଳା କର(୭୨)ଙ୍କ ପରଲୋକ ଘଟିଛି। ଗତ ମଙ୍ଗଳବାର ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ତାଙ୍କୁ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ବର୍ଷକ ପୂର୍ବରୁ ତାଙ୍କ ସ୍ୱାମୀ ତଥା ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ସଂସ୍କୃତ ଶିକ୍ଷକ ରାମକୃଷ୍ଣ କରଙ୍କ ପରଲୋକ ଘଟିଥିଲା। ମୁରିବାହାଲ ନିକଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ମନୋଜ କୁମାର କର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ୨ଝିଅ ସସ୍ମିତା, ରଶ୍ମିତା, ଜ୍ୱାଇଁ ପ୍ରବାସ ମାଝି, ସୁବଳ ତ୍ରିପାଠୀ, ପୁତ୍ରବଧୂ ଆରତୀ କର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ସଫେଇ କର୍ମଚାରୀ ସଂଘ

**ଗୁଡ଼ଭେଲା,୧୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅଞ୍ଚଳକୁ ଗସ୍ତ ଅବସରରେ ଶନିବାର ମନ୍ତ୍ରୀ ଟୁକୁନି ସାହୁଙ୍କୁ ସମଲେଶ୍ୱରୀ ସଫେଇ କର୍ମଚାରୀ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଦରମା ପ୍ରଦାନ କରାଯାଇଥିବା ବେଳେ ୫ଜଣ ସଫେଇ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇ ନାହିଁ। ଇପିଏଫ ବାବଦକୁ ମାସକୁ ଏକ ହଜାରରୁ ଏଗାର ଶହ ଟଙ୍କା ପର୍ଯ୍ୟନ୍ତ ଠିକାସଂସ୍ଥା କାଟୁଥିବା ବେଳେ ୭ ଶହରୁ ୮ଶହ ଟଙ୍କା ଜମା କରୁଛନ୍ତି। ପ୍ରତ୍ୟେକ ମାସ ଇପିଏଫ ଟଙ୍କା ଜମା ହେଉନାହିଁ। ପୁନଶ୍ଚ ବିଭିନ୍ନ ଠିକାସଂସ୍ଥା ଇପିଏଫ ଟଙ୍କା ଜମା ଆଜି ପର୍ଯ୍ୟନ୍ତ କରିନାହାନ୍ତି। ବାକିଆ ଥିବା ସମସ୍ତ ଏରିଅର ଟଙ୍କା ତୁରନ୍ତ ପ୍ରଦାନ କରିବା ଆଦି ଦାବିପତ୍ରରେ ଦର୍ଶାଇଛନ୍ତି। ସଂଘ ସଭାପତି ବନମାଳି କୁମ୍ଭାର, ସମ୍ପାଦକ ଜିତୁ ସାଗର, ଅଇଁଲା ସୁନା, ସାବିତ୍ରୀ ସୁନା, ସୁନି ବରଗାଁ, କମଳା କୁମ୍ଭାର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ବିଭିନ୍ନ ଦାବିନେଇ ଶନିବାରଠାରୁ ଏନଏସିର ସଫେଇ କର୍ମଚାରୀ ଛାଡୁଛାଡ ଆନ୍ଦୋଳନ ଚଳାଇଛନ୍ତି।

## ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ: ସିହିନୀ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ମୁରିବାହାଲ, ୧୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଡ଼ସାଇମରା ପଞ୍ଚାୟତ ଅନ୍ତର୍ଗତ ଅଣ୍ଡାଳଦୋରରେ ଚାଲିଥିବା ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଲକ୍ଷ୍ମୀ ଜଗନ୍ନାଥ ଆସୋସିଏଶନ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବନବାହଲ ଓ ସିହିନୀ ମଧ୍ୟରେ ହୋଇଥିଲା। ଏଥିରେ ସିହିନୀ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉକ୍ତ ମ୍ୟାଚକୁ ଆଶୀର୍ବାଦ ସା, ଅଶ୍ୱିନି ଭୁକ୍ତା, ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ସୁଶାନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ଲକ୍ଷଣ ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଭାଜପା ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ମୁରିବାହାଲ ଜିଲା ପରିଷଦ ଯୋନ ୨୭ର ସଭାପତି ସୁରେଶ ଭୋଇ, ପୂର୍ବତନ ସରପଞ୍ଚ ଅମିତ କୁମାର ପାତ୍ର ଉପସ୍ଥିତ ଥିଲେ। ଅତିଥିମାନେ ବିଜେତା ସିହିନୀ ଦଳକୁ ଟ୍ରଫି ସହ ୧୦ ହଜାର ଓ ଉପବିଜେତା ବନବାହଲ ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପ୍ରଶାନ୍ତ ଖୁର୍ଷା, ଶ୍ରେଷ୍ଠ ଗୋଲକିପର ଗୁଡୁ ପଟେଲ, ଶ୍ରେଷ୍ଠ ଡିଫେନ୍ସ ପ୍ରଶାନ୍ତ ତାଣ୍ଡି, ଶ୍ରେଷ୍ଠ ସ୍କୋରର ରାଜୁ ମାଝିଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଛି। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ସଭାପତି ସୁଶାନ୍ତ ପାତ୍ର, ସମ୍ପାଦକ ଅର୍ଜୁନ ଭୋଇ, କୋଷାଧ୍ୟକ୍ଷ ଗୋପୀନାଥ ବାଗ, ଶ୍ରୀକାନ୍ତ ଭୋଇ, ମହେନ୍ଦ୍ର ଭୋଇ, ତ୍ରିଥ କୁଅଁର, ସମ୍ରାଟ ପାତ୍ର, ଚିତ୍ତରୁ ଭୋଇ, ଦେବାଛନ ମଲ୍ଲିକ, କାଳିଆ ପାତ୍ର, ଜଗମହନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

**୧୨ଟ୍ରାକ୍ଟର, ୨ଜେସିବି, ୨ହାଇୱା ଓ ହାଇଡ୍ରା ଜବତ**

**ମୁରିବାହାଲ, ୧୮।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ତହସିଲ ଚଣାବାହାଲ ପଞ୍ଚାୟତ ଅନ୍ତର୍ଗତ କୁର୍ଲୁବାହାଲ ଓ ସରଧାପୁର ଗ୍ରାମରେ ଚାଲିଥିବା ୩ ବେଆଇନ ଇଟାଭାଟିକୁ ପ୍ରଶାସନ ଜେସିବି ଲଗାଇ ଭାଙ୍ଗି ଦେଇଛି। ଜିଲା ପ୍ରଶାସନ ଓ ମୁରିବାହାଲ ତହସିଲ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଇଟା ତିଆରି ଓ ଚାଲାଣରେ ବ୍ୟବହୃତ ୧୨ ଟ୍ରାକ୍ଟର, ୨ଜେସିବି, ୨ହାଇୱା, ୧ଟି ହାଇଡ୍ରା ଜବତ କରାଯାଇଛି। ସରଧାପୁର ଗ୍ରାମରେ ୨ଟି ଓ କୁର୍ଲୁବାହାଲ ଗ୍ରାମରେ ଗୋଟିଏ ଇଟାଭାଟି ବେଆଇନଭାବେ ଗଢି ଉଠିଥିଲା। ଉଭୟ ଇଟାଭାଟରୁ ୧୨ଟି ଟ୍ରାକ୍ଟର, ୨ଟି ଜେସିବି, ୨ହାଇୱା ଓ ଗୋଟିଏ ହାଇଡ୍ରାକୁ ପ୍ରଶାସନ ଜବତ କରି ମୁରିବାହାଲ ତହସିଲ କାର୍ଯ୍ୟାଳୟକୁ ଆଣିଛି। ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀଙ୍କ ନେତୃତ୍ୱରେ କରାଯାଇଥିବା ଚଢାଉରେ ମୁରିବାହାଲ ତହସିଲଦାର ସୋନାଲି ପାତ୍ର, ସହାୟକ ଜିଲାପାଳ ଲଳିତ ବାଗ, ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର, କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ମୁରିବାହାଲ ଭାରପ୍ରାପ୍ତ ଥାନା ଅଧିକାରୀ ପଞ୍ଚାନନ ନାୟକ,ବଙ୍ଗୋମୁଣ୍ଡା ଥାନା ଅଧିକାରୀ ପ୍ରଣୟ ମୁର୍ମୁ, ଟିଟିଲାଗଡ଼ ଆଇଆଇସି ରଞ୍ଜନ ବରିହା,କଣ୍ଟାବାଞ୍ଜି ଆଇଆଇସି ରଶ୍ମିତା ବେହେରା, ଏସଆଇ ଦନାର୍ଦ୍ଦନ ଓରାମ, ଏସଆଇ ହୀରା ଖାଲକୋ,ବଲାଙ୍ଗୀର ଶ୍ରମକାର୍ଯ୍ୟାଳୟରୁ ଅତିରିକ୍ତ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ ଓ ତାନାମଣୀ ସୋରେନ, ଶ୍ରମ ବିଭାଗ ଇନ୍ସପେକ୍ଟର ପ୍ରଶାନ୍ତ ସୁନା, ଗୁଡିଘାଟ ଓ ଇଚ୍ଛାପଡା ଆରଆଇ, ବିଦ୍ୟୁତ୍, ଦମକଳ ବାହିନୀ ସାମିଲ ହୋଇଥିଲେ। ପ୍ରତିବର୍ଷ ଖଜଣା ଦେଉଥଇଲେ ହେଁ ଇଟାଭାଟିରେ ପ୍ରଶାସନ ଚଢ଼ାଉ କରିଛି ବୋଲି ଇଟାଭାଟି ମାଲିକମାନେ କହିଛନ୍ତି।

## ଶିବାଳୟରେ ଭକ୍ତଙ୍କ ଭିଡ଼

**ଦେଓଗାଁ, ୧୮।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁମାନଙ୍କର ଶିବ ମନ୍ଦିର ଗୁଡିକରେ ଭକ୍ତ ମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ବହଲି ଶିବ ମନ୍ଦିରରେ ଗୋପଲୀଳା, ସିକୁଆଁରେ ୧୬ ପ୍ରହରୀ, ସାଗରପାଲିରେ ପ୍ରହରୀ, ହାତୀସରାରେ ମହାରୁଦ୍ରାଭିଷେକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଏପରିକି ବ୍ଲକର ପାଖାପାଖି ୩୩ଟି ଶିବ ମନ୍ଦିରରେ ମହାଶିବରାତ୍ରୀ ମେଳା ଅନୁଷ୍ଠିତ ହେଉଛି। ରାତି ୧୦ଟାରେ ମହାଦୀପ ଉଠିଥିଲା। ଏହି ଅବସରରେ ଅଇଁଲାପାଲି ଓ ମୁଡପଲା ଗ୍ରାମର ମିଳିତ ସହଯୋଗରେ ଅଇଁଲାପାଲି ଛକରେ ନବନିର୍ମିତ ମହାଦେବ ମନ୍ଦିର ଓ ହନୁମାନ ବାଟିକା ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି।

## ମହାଶିବରାତ୍ରି ପାଇଁ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼


ଦେବଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଲମ୍ବାଧାଡିରେ ଠିଆ ହୋଇଛନ୍ତି।

**ଖପ୍ରାଖୋଲ,୧୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ମହା ଶିବରାତ୍ରୀରେ ଶନିବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳ ପାପନାଶିନୀ ଝରଣାରେ ସ୍ନାନ କରି ଲମ୍ବାଧାଡ଼ିରେ ପ୍ରଭୁ ହରିଶଙ୍କରଙ୍କ ଦର୍ଶନ କରିଥିଲେ। ମହା ଶିବରାତ୍ରି ପାଇଁ ସ୍ୱତନ୍ତ୍ର ନୀତି ଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ପାଟଣାଗଡର କଳାକାରଙ୍କ ଦାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମଧ୍ୟରାତ୍ରରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ମନ୍ଦିରରେ ମହାଶିବରାତ୍ରି ପାଇଁ ସ୍ୱତନ୍ତ୍ର ପୂଜା, ଭୋଗ ସହ ରାତିରେ ଠାକୁରଙ୍କୁ ସତନ୍ତ୍ର ସ୍ନାନ କରି ପୂଜା ଓ ଉଜାଗର ରହିବା ବିଧି ଥିବା ମନ୍ଦିର ପୂଜକ ନରସିଂହ ପୂଝାରୀ ପ୍ରକାଶ କରିଛନ୍ତି। ଶ୍ରଦ୍ଧାଳୁଙ୍କ ପାଇଁ ଶୃଙ୍ଖଳିତ ଦେବଦର୍ଶନ ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରକାଶ କରିଛନ୍ତି। ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଓ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ମୁତୟନ ଥିଲେ।

## ପୋଲିସ-ଜନତା ଏକାଠି ହେଲେ ଅପରାଧ କମିବ

**ମୁରିବାହାଲ, ୧୮।୨(ଡି.ଏନ.ଏ.)**



ଆମ ପୋଲିସ ସମିତି ବୈଠକରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ପରିସରରେ ଶନିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାର ଭାରପ୍ରାପ୍ତ ଅଧିକାରୀ ପଞ୍ଚାନନ ନାଏକଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଥାନା ଅଧିକାରୀ ନାଏକ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅପରାଧ କମିବ ବୋଲ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ଦଳିତ ନେତା ମୋହନ ଦୀପ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଆଇ ଦନାର୍ଦ୍ଦନ ଓରାମ, ପ୍ରମୋଦ ପ୍ରଧାନ, ଏଏସଆଇ ଜଗଦୀଶ ମହାନନ୍ଦ, କେଶବ ବେହେରା ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ


ମନ୍ତ୍ରୀ ଟୁକୁନୀ ସାହୁ ମିନି ଷ୍ଟାଡିୟମ ଉଦ୍‌ଘାଟନ କରୁଛନ୍ତି।

**ଗୁଡ଼ଭେଲା,୧୮।୨(ଡି.ଏନ.ଏ.)**

ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଶନିବାର ତୁଷୁରା ଏନଏସିର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମିନି ଷ୍ଟାଡିୟମ, ବିଜୟାନନ୍ଦ ମାର୍କେଟ, ପରିସ୍ରାଗାର, ଧାନଘରା ଗ୍ରାମର ମିଶନ ଶକ୍ତି ଗୃହ, ଅଙ୍ଗନବାଡି କେନ୍ଦ୍ର, ଶିଶୁ ମାନଙ୍କ ଖେଳ ପଡିଆ, ଟିକିରିପଡାର ଖୋଲାଜିମ, ନଅଗାଁର ମିଶନଶକ୍ତି ଗୃହ, ମହିପୁର ଗ୍ରାମର ଖେଳ ପଡିଆ ଓ ଜିମ୍ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲ, ତୁଷୁରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଏନଏସି ଅଧ୍ୟକ୍ଷ ଅଜୟ ଜୟଶ୍ୱାଲ, ଉପାଧ୍ୟକ୍ଷା ମାମୀ ଦାଶ, ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ନିରୋଦ ନାଗ, କମଳ ଜୈନ, ନନ୍ଦଲାଲ ଜୟଶ୍ୱାଲ, ପପୁ ଜୟଶ୍ୱାଲଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।

# ଉଚ୍ଛେଦ ଆଶଙ୍କାରେ ଗରିବ ପରିବାର

**ରାସ୍ତା ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ ଘଟଣା**

- ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ କରିଛନ୍ତି ସରସ୍ୱତୀ ସାହୁ
- ବିକଳ୍ପ ଜମି ଓ ଘର କରିଦେଲେ ଉଠିଯିବୁ କହିଲେ

**ଲୋଇସିଂହା,୧୮।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତର ସଦର ଗାଁରେ ପ୍ରଧାନମନ୍ତ୍ରୀ ରାସ୍ତା ପାଇଁ ଜବରଦଖଲ ଉଚ୍ଛେଦ ବୁଧବାର କରାଯାଇଥିଲା। ସେତେବେଳେ ଗ୍ରାମର ସରସ୍ୱତୀ ସାହୁଙ୍କ ଘରକୁ ଭାଙ୍ଗିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା। ହେଲେ ପ୍ରଧାନମନ୍ତ୍ରୀ ଆବାସ ଘର ବୋଲି ଜଣାପଡିଲା ପରେ ନ ଭାଙ୍ଗି ଛାଡି ଦିଆଯାଇଛି। ଉଚ୍ଛେଦ ଭୟରେ ସରସ୍ୱତୀଙ୍କ ପରିବାର ଆଶଙ୍କାରେ ରହିଛନ୍ତି।

ସ୍ୱାମୀ କଇଁରୁ ସାହୁ ଓ ଦୁଇ ପୁଅଝିଅଙ୍କୁ ନେଇ ସରସ୍ୱତୀଙ୍କ ପରିବାର। ୨୦୧୮-୧୯ ଆର୍ଥିକ ବର୍ଷରେ ସରସ୍ୱତୀଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ହୋଇଥିଲା। ବୁର୍ଡା-ନଅଗାଁ(ଖ) ରାସ୍ତାର ହାଇସ୍କୁଲ ଛକରେ ଥିବା ସରକାରୀ ଜମିରେ ରହିଆସୁଥିବା ସ୍ଥାନରେ ସରସ୍ୱତୀ ଘର ନିର୍ମାଣ କରିଥିଲେ। ସେତେବେଳେ ପ୍ରଶାସନ ତରଫରୁ କୌଣସି ବାରଣ କରାଯାଇ ନ ଥିଲା। ଏବେ ବୁର୍ଡାରୁ ବଡଟିକା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ କାମ ଚାଲିଛି। ହାଇସ୍କୁଲ ଛକରେ ଜବରଦଖଲ ଯୋଗୁ ରାସ୍ତା ନିର୍ମାଣ ହୋଇପାରୁ ନ ଥିବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାପରେ ଗତ ବୁଧବାର ଆଗଲପୁର ତହସିଲଦାର, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ତହସିଲରୁ ନୋଟିସ ପାଇଥିବା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଚିହ୍ନଟ ଦେଇଥିବା ସୀମାକୁ ସରସ୍ୱତୀଙ୍କ ପରିବାର ଲୋକେ ଆଗୁଆ ଭାଙ୍ଗି ଦେଇଥିଲେ। ହେଲେ ଜବରଦଖଲ ଚିହ୍ନଟ ସୀମା ଏହାଠାରୁ ଅଧିକ ଥିଲା। ଫଳରେ ସରସ୍ୱତୀଙ୍କ ଘର ଭାଙ୍ଗିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସରସ୍ୱତୀଙ୍କ ପରିବାର ଲୋକେ ଘରେ ଥିବା ଆସବାବପତ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ହେଲେ ଗ୍ରାମବାସୀ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବଡବଡିଆ ଗୋଚର ଜମି ଜବରଦଖଲ କରିଛନ୍ତି। ସେହି ଜମିକୁ ଉଚ୍ଛେଦ କରିବାକୁ କାହିଁକି ଭୟ ବୋଲି ତହସିଲ ପ୍ରଶାସନକୁ ସେମାନେ ପ୍ରଶ୍ନ କରିଥିଲେ। ସରସ୍ୱତୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରିଛନ୍ତି ବୋଲି କହିଥିଲେ। ଗ୍ରାମବାସୀଙ୍କ ପ୍ରତିକ୍ରିୟା ପରେ ସରସ୍ୱତୀଙ୍କ ଘର ଉଚ୍ଛେଦରୁ ବାଦ୍ ଦିଆଯାଇଥିଲା। ଏହାସତ୍ତ୍ୱେ ସରସ୍ୱତୀ ଏବେ ବି ଉଚ୍ଛେଦ ଆଶଙ୍କାରେ ରହିଛନ୍ତି। ଆମକୁ ଅନ୍ୟତ୍ର ଜମି ଦେଇ ଘର ନିର୍ମାଣ କରିଦେଲେ ସ୍ଥାନାନ୍ତରିତ ହେବୁ ବୋଲି ସରସ୍ୱତୀ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ବୌଦ୍ଧ,୧୮।୨(ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ବ୍ରାହ୍ମଣଗାଁ ଛକଠାରେ ଶନିବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଭେଜିଗୋରା ଗ୍ରାମର ରାଜନ ଭୋକ୍ତା(୪୦)। ପ୍ରକାଶ ଯେ, ତିଲେଶ୍ୱର ଗ୍ରାମ ପଟୁ ଭେଜିଗୋରା ଗ୍ରାମର ସୁଧାଂଶୁ ଭୋକ୍ତା(୧୮) ଓ ରାଜନ ଏକ ବାଇକ୍ ଯୋଗେ ପୁରୁଣାକଟକ ଆଡକୁ ଆସୁଥିବା ସମୟରେ ବ୍ରାହ୍ମଣଗାଁ ଛକ ଠାରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ଚାରିଛକ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗୁରୁତରଙ୍କୁ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ରାଜନଙ୍କୁ ମୃତ ଘୋଷଣା କରିଥିବାବେଳେ ସୁଧାଂଶୁଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୁରୁଣାକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଅଧିକ ତଦନ୍ତ ଜାରିରଖିଛି।

### ପଦ୍ମପୁର ଉପଖଣ୍ଡରେ ମହାଶିବରାତ୍ରି

**ପଦ୍ମପୁର,୧୮।୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ପ୍ରମୁଖ ଶୈବପୀଠଗୁଡିକରେ ମହାଶିବରାତ୍ରି ପାଳିତ ହୋଇଛି। ପଦ୍ମପୁର ସହରର ଶିବ ମନ୍ଦିର, ବିରିପାଲିର କଣ୍ଟେଶ୍ୱରପୁର, ଗସ୍ତିଡ଼ିହିର ଦେବଦରହା, ସରେଇକେଲାର ବିମଳେଶ୍ୱର, କନସିଂହାର ବାବା ଚନ୍ଦ୍ରଶେଖର, ବୋଡାସମ୍ବର ପାହାଡ଼ରେ ଥିବା ଜଳ ମହାଦେବ ଆଦି ପୀଠରେ ଶନିବାର ଭୋର୍ ସମୟରୁ ହଜାର ହଜାର ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ସାରାଦିନ ଉପାସ ସହ ରାତି ଉଜାଗର ରହି ଦୀପ ଜାଳିଥିଲେ। ଦିନରେ ମହାଦେବଙ୍କ ଦର୍ଶନ ଓ ଜଳଲାଗି କରିବା ପାଇଁ ସବୁ ଶିବ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ସରେଇକେଲା ବିମଳେଶ୍ୱର ପୀଠରେ ଅଖଣ୍ଡ ନାମ ସଂକୀର୍ତ୍ତନ ହୋଇଥିଲା। ଏହାସହ ଅନ୍ୟ ଶୈବପୀଠରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା।

### ଧୀରେନ୍ଦ୍ର ନାଥ ମୁଣ୍ଡଙ୍କୁ ଶ୍ରଦ୍ଧାଞ୍ଜଳି

**ବରପାଲି,୧୮।୨(ଡି.ଏନ.ଏ.):** ବରଗଡ ଜିଲା ବରପାଲି ସ୍ଥିତ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ଏକାଡ଼େମୀର ପ୍ରତିଷ୍ଠାତା ସ୍ୱର୍ଗତ ଡା. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ତୃତୀୟ ବାର୍ଷିକୀ ଶ୍ରାଦ୍ଧସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ଡା. ସୁବ୍ରତ କୁମାର ମୁଣ୍ଡ ଓ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ପ୍ରଦୀପ ପ୍ରଜ୍ୱଳନ କରି ଡା. ମୁଣ୍ଡଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧକ୍ଷ ସୁଶୀଲ କୁମାର ରଥ, ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ଡୁଙ୍ଗୁରୀପାଲିର ଅଧକ୍ଷ ଶିଶୁପାଳ କଲେତ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରଛାତ୍ରୀଗଣ ଡା. ମୁଣ୍ଡଙ୍କ ତୈଳଚିତ୍ର ନିକଟରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶିକ୍ଷକ ପଦ୍ମଲୋଚନ ଦାଶ ଛାତ୍ରମାନଙ୍କୁ ନେଇ ସଙ୍ଗୀତ ପରିବେଷଣ କରିଥିଲେ। ପରେ ସହକାରୀ ଶିକ୍ଷକ ଆଦିତ୍ୟ ପ୍ରସାଦ କରଙ୍କ ଦ୍ୱାରା ଗୀତା ପାଠ ସହ ହୋମଯଜ୍ଞ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପାଳନ କରନ୍ତୁ

## ପଦ୍ମପୁରରେ ଭାଜପାର ଖବରଦାତା ସମ୍ମିଳନୀ

**ପଦ୍ମପୁର,୧୮।୨(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ଶନିବାର ଭାଜପା ପକ୍ଷରୁ ପଦ୍ମପୁର ଟାଉନ କ୍ଲବରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତେଶ ବହିଦାର କହିଥିଲେ, ଗତ ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ୮ଟି ମୁଖ୍ୟ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ମଧ୍ୟରେ ପଦ୍ମପୁର ଜିଲା ଘୋଷଣା ରହିଛି। ତେବେ ଗତ କ୍ୟାବିନେଟ ବୈଠକରେ ପଦ୍ମପୁରକୁ ଜିଲା ଘୋଷଣା ମଞ୍ଜୁର ହୋଇଛି କି ବୋଲି ବହିଦାର ପ୍ରଶ୍ନ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ।

ସେହିପରି ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅଧୀନ ଡାକ୍ତରଖାନା ଏବଂ ଉପଖଣ୍ଡ ଡାକ୍ତରଖାନାରେ ୧୧ ଡାକ୍ତର ଓ ୨୧ ନର୍ସ ପଦବୀ ପୂରଣ, ବନ୍ଦ ରହିଥିବା ୧୦୦ ପ୍ରାଥମିକ ବିଦ୍ୟାଳୟ ତୁରନ୍ତ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିବାକୁ ସେ ଦାବି କରିଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ବୋନସ, ରେଲୱେ ଲାଇନ ପାଇଁ ଜମି ପ୍ରଦାନ, ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ଓ ଧାନ କୁଇଣ୍ଟାଲ ପ୍ରତି ୧୦୦ ଟଙ୍କା ବୋନସ ପ୍ରଦାନ, ଲାମ୍ପ ଟୋକନ ପୁଣି ସଚଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ କି ବୋଲି ବହିଦାର ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରନ୍ତୁ ବୋଲି ବହିଦାର କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ସରୋଜ ପାଣିଗ୍ରାହୀ, ନଗର ସଭାପତି ସୁନିଲ ଅଗ୍ରୱାଲ, ସମ୍ପାଦକ ଅଶୋକ ମିଶ୍ର, ଏମ୍‌ପି ପ୍ରତିନିଧି ଚିନ୍ମୟ ପଣ୍ଡା, ଆଦିତ୍ୟ ପ୍ରସାଦ ରଥ, କାଉନସିଲର କୁନାଲ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଡ଼ି ଧକ୍କାରେ ଭାଙ୍ଗିଲା ଘର, ସ୍ପିଡବ୍ରେକର ଦାବି କଲେ ଗ୍ରାମବାସୀ

**ତରଭା, ୧୮।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବଇରାସର ଗ୍ରାମ ଦେଇ ୫୭ ନମ୍ବର ଜାତୀୟ ରାଜପଥ ଯାଇଛି। ଏହି ରାଜପଥରେ ଦ୍ରୁତଗତିରେ ଗାଡି ମୋଟର ଯାତାୟାତ କରୁଛି। ବଲାଙ୍ଗୀର ଜିଲା ସୀମାନ୍ତ ବଇରାସର ବସଷ୍ଟାଣ୍ଡ ଏକ ବ୍ୟସ୍ତବହୁଳ ବସ୍‌ଷ୍ଟାଣ୍ଡ। ଏଠାରେ ସ୍ପିଡବ୍ରେକର ନଥିବାରୁ ଗାଡିଗୁଡ଼ିକ ଦ୍ରୁତଗତିରେ ଯାତାୟାତ କରୁଛି। ଏଥିପାଇଁ ଅନେକ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଶୁକ୍ରବାର ବିଳମ୍ବିତ ରାତିରେ ସୋନପୁର ପଟୁ ବଲାଙ୍ଗୀର ଯାଉଥିବା ଏକ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ପିକ୍‌ଅପ ପଛପଟେ ପିଟି ହୋଇ ଆଗରେ ଥିବା କେତେକ ଦୋକାନରେ ପିଟି ହୋଇ କ୍ଷତିଗ୍ରସ୍ତ କରିଛି। ଏଣୁ ବଇରାସର ବସ୍‌ଷ୍ଟାଣ୍ଡର ବଲାଙ୍ଗୀର ଓ ସୋନପୁର ଉଭୟ ପଟରେ ସ୍ପିଡବ୍ରକର ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ରାଜସ୍ୱ ଅଫିସରୁ ଗଛ ବିକ୍ରି ଅଭିଯୋଗ

**ଭେଡେନ,୧୮।୨(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ରାଜସ୍ୱ କାର୍ଯ୍ୟାଳୟ ପରିସରରୁ ଗତ ଗୁରୁବାର ୨ଟି ଗଛ କାଟି ଜଣେ କାଠ ବ୍ୟବସାୟୀଙ୍କୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ଜଣକ ମଧ୍ୟ ଉକ୍ତ କାଠଗଣ୍ଡିଗୁଡିକୁ ରାସ୍ତାକଡରେ ରଖି ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଅନିଲ କୁମାର ପାଇକଙ୍କୁ ପଚାରିବାରୁ ସେ ଅଧିକ ତଥ୍ୟ ଜାଣିବା ପାଇଁ ତହସିଲଦାରଙ୍କୁ ଯୋଗାଯୋଗ କରିବାକୁ କହିଥିଲେ। ଭେଡେନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କୁ ଏ ନେଇ ପଚାରିବାରୁ ସେ ଘଟଣା ବିଷୟରେ କିଛି ଜାଣି ନ ଥିବା କହିଥିଲେ। ତେବେ ଏହି ଗଛ କାହିଁକି କଟାଯାଇ ବିକ୍ରି କରାଗଲା ସେ ନେଇ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।


ଆର୍‌ଆଇ ଅଫିସ ପରିସରରୁ କଟାଯାଇଥିବା ଗଛର ମୂଳ।

# ଗ୍ରୀଣ୍ଡୋଲାରେ ଜାଗର ଯାତ୍ରା

**ବରପାଲି,୧୮।୨(ଡି.ଏନ.ଏ.)**

ବରପାଲି ବ୍ଲକ ବରମକେଲା ଗ୍ରାମପଞ୍ଚାୟତର ଗ୍ରୀଣ୍ଡୋଲା ଗ୍ରାମରେ ଥିବା ଶୈବପୀଠ ଶ୍ରୀ ଶ୍ରୀ ବାବା ସିଦ୍ଧେଶ୍ୱର ମନ୍ଦିରରେ ଶନିବାର ମହାଶିବରାତ୍ରି ଜାଗର ଯାତ୍ରା ପାଳିତ ହୋଇଛି। ମନ୍ଦିର ପୂଜକ ଛବିଳ ଦେହେରୀ, ଗୋବର୍ଦ୍ଧନ ଦେହେରୀ, ପ୍ରଶାନ୍ତ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ସୁବାଷ ମେହେର ଓ ତାଙ୍କ ସ୍ତ୍ରୀ ଝରଣା ମେହେର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ହଜାର ହଜାର ଭକ୍ତ ଉପବାସ କରି ବାବାଙ୍କୁ ଦର୍ଶନ କରିଥିଲେ। ଏହାସହ ଉଜାଗର ରହି ଦୀପ ଜାଳିଥିଲେ। ଏହି ଅବସରରେ ଇଚ୍ଛାପୁର ମହିଳା ସଂକୀର୍ତ୍ତନ ଓ ପୁଟୁରୁପାଲି ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଭଗବାନ ପାର୍ଟି ନାଟକ ପରିବେଷଣ କରିଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସୁବାସ ମେହେର, ସମ୍ପାଦକ ବାସୁଦେବ ପଧାନ, କୋଷାଧ୍ୟକ୍ଷ ଇନ୍ଦ୍ରଜିତ ସତପଥି, ପ୍ରେମାନନ୍ଦ ମେହେର, ଶଙ୍କର ନାଗ, ବୈଶାଖୁ ସେଠ, ଦେବାନନ୍ଦ ପଧାନ, ଚୈତନ୍ୟ ସାହୁ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

# ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ


ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ।

**ସୋନପୁର,୧୮।୨(ନି.ପ୍ର.)**

ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୁବର୍ଣ୍ଣପୁର ଶାଖା ପକ୍ଷରୁ ୮୭ ତମ ତ୍ରିମୂର୍ତ୍ତୀ ଶିବ ଜୟନ୍ତୀ ଓ ପବିତ୍ର ମହାଶିବରାତ୍ରୀ ମହାସମାରୋହରେ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସର୍ବଧର୍ମ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ରାମ, କୃଷ୍ଣ, ଶିବ, ଗୁରୁ ନାନକ ଓ ସାଇବାବା ବେଶରେ ସଜ୍ଜିତ ହୋଇ ଅନୁଷ୍ଠାନର ସଦସ୍ୟା ସଦସ୍ୟ ମାନେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ସହରବାସୀଙ୍କୁ ପରମାତ୍ମା ଶିବଙ୍କ ବାର୍ତ୍ତା ପ୍ରଦାନ କରା ଯାଇଥିଲା। ସନ୍ଧ୍ୟାରେ ସୁବର୍ଣ୍ଣପୁରର ଇଷ୍ଟ ଦେବତା ବାବା ସୁବର୍ଣ୍ଣମେରୁଙ୍କୁ ମନ୍ଦିର ପ୍ରାଙ୍ଗଣରେ ପରମାତ୍ମାଙ୍କ ପରିଚୟ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଦ୍ରବ୍ୟଗୁଣ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ପାଇକମାଳ,୧୮।୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକର ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ ପରିସରରେ ଚାଲିଥିବା ୬ ଦିନିଆ ଦ୍ରବ୍ୟଗୁଣ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସିସିଆରଏଏସ୍‌ର ଡାଇରେକ୍ଟର ଜେନେରାଲ ପ୍ରଫେସର ଡା. ରବିନାରାୟଣ ଆଚାର୍ଯ୍ୟ ମୁଖ୍ୟଅତିଥି, ବୁର୍ଲା ଭିମ୍‌ସାର ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ପ୍ରଦୀପ କୁମାର ନାଏକ, ବୈଜ୍ଞାନିକ ପ୍ରଫେସର ଡା. ଶରତ କୁମାର ଶ୍ରୀବାସ୍ତବ, ସରକାରୀ ଆୟୁର୍ବେଦ କଲେଜ ରାୟପୁରର ପ୍ରଫେସର ଡ. ଓମ୍ ପ୍ରକାଶ ରାଉତ, ଅନୁଷ୍ଠାନର ସଭାପତି ସତ୍ୟଭୂଷଣ ସାହୁ ଓ ପରିଚାଳନା କମିଟି ସମ୍ପାଦକ ମନୋଜ କୁମାର ତ୍ରିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଡା. ମୈତ୍ରୀ ପୁରୋହିତ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଓଡିଶା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଦିଲ୍ଲୀ, ବିହାର, ତାମିଲନାଡୁ, ହରିୟାଣା, ଗୁଜରାଟ ଆଦି ରାଜ୍ୟରୁ ୨୨ ଜଣ ସହକାରୀ ପ୍ରଫେସର ଯୋଗଦାନ କରି ତାଲିମ ନେଇଥିଲେ। କର୍ମଶାଳାରେ ନୂଆଦିଲ୍ଲୀରୁ ଡା. ସୁବାସ ସାହୁ, ବେଲଗୁମରୁ ଡା. ବେଦାନ୍ତମ ଗିରିଧର, ପୁନେରୁ ଡା. ମନିସି ଦେଶ ପାଣ୍ଡେ, ଗୋଆରୁ ଡା. ସଂଗ୍ରାମ କିଶୋରୀ ଦାସ, ନୃସିଂହନାଥରୁ ଡା. ଶିବ ପ୍ରସାଦ ମହାନ୍ତି, ଭୁବନେଶ୍ୱରରୁ ଡା. ପ୍ରତାପ ଚନ୍ଦ୍ର ପଣ୍ଡା ପ୍ରମୁଖ ଭିନ୍ନ ଭିନ୍ନ ଦିନରେ ପ୍ରଶିକ୍ଷଣ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ଡାକ୍ତର କ୍ଷିରାବ୍ଧି ତନୟା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# କୃଷକ ସଙ୍ଗଠନର ଆନ୍ଦୋଳନ ଚେତାବନୀ

**ପଦ୍ମପୁର ୧୮।୨ (ଡି.ଏନ୍.ଏ.)**

ବୀମା, ଇନପୁଟ, ବିଦ୍ୟୁତ୍ ବିଲ୍ ଓ ଋଣ ଛାଡ, ପଦ୍ମପୁର ଜିଲା ଘୋଷଣା ଆଦି ପ୍ରମୁଖ ଦାବିରେ ରାଜବୋଡାସମ୍ବର କୃଷକ ସଙ୍ଗଠନର ଆନ୍ଦୋଳନକୁ ୧୦୮ ଦିନ ବିତିଛି। କେତେକ ଦାବି ଆଂଶିକ ପୂରଣ ହୋଇଛି ଏବଂ ଆଉ କେତେକ ଦାବି ପ୍ରତି କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ପ୍ରସଙ୍ଗରେ ଚାଷୀ ସଙ୍ଗଠନ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ସେହିପରି ପଦ୍ମପୁରକୁ ଏଯାଏ ଜିଲା ଘୋଷଣା କରାଯାଇନାହିଁ। ସମ୍ପୂର୍ଣ୍ଣ ବିଦ୍ୟୁତ୍ ବିଲ୍, କୃଷିଋଣ ଛାଡ଼ ଏବଂ ଜିଲା ଘୋଷଣା ଆଦି ଦାବିରେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମହାଶିବରାତ୍ରିରେ ସାମୂହିକ ବ୍ରତୋପନୟନ



ବ୍ରତୋପନୟନ ହୋଇଥିବା ବଟୁଗଣ।

**ଭେଡେନ,୧୮।୨(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ବ୍ଲକ ଥୁଆପାଲି ଶିବମନ୍ଦିର ପ୍ରାଙ୍ଗଣରେ ଶନିବାର ମହାଶିବରାତ୍ରି ଅବସରରେ ୨୬ତମ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୧୩ ଜଣ ବଟୁଙ୍କ ବ୍ରତୋପନୟନ ହୋଇଥିଲା। ବଟୁଙ୍କ ଥାଳ ଚଢିଲା ପରେ ସମସ୍ତଙ୍କୁ ସୁସଜ୍ଜିତ କରାଯାଇ ଥୁଆପାଲି, ଝରାପାଲି ବଜାର ପରିକ୍ରମା କରାଯାଇଥିଲା। ଏହି ସମୟରେ ଲୋକେ ବଟୁମାନଙ୍କ ପାଦ ପ୍ରକ୍ଷାଳନ କରି ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ କୈଳାଶ ଅଗ୍ରୱାଲ ଓ ରକ୍ମିଣୀ ଅଗ୍ରୱାଲ କର୍ତ୍ତା ଏବଂ ପଣ୍ଡିତ ଦୁଃଖିଶ୍ୟାମ ମିଶ୍ର, କୁନା ତ୍ରିପାଠୀ, ମାଧବ ମହାପାତ୍ର ପୂଜାକାର୍ଯ୍ୟ ତୁଲାଇଥିଲେ। ଏଥିରେ ଲାୟନ୍ସ ଏବଂ ଲିଓ କ୍ଲବର ସଦସ୍ୟ ସହେଯାଗ କରିଥିଲେ।

# ଯୋଗଶିକ୍ଷା ଦେଲେ ଜିଲାପାଳ

**ବୌଦ୍ଧ,୧୮।୨(ସ୍ୱ.ପ୍ର.)**

ପବିତ୍ର ମହାଶିବରାତ୍ରି ଅବସରରେ ସକାଳ ୭ଟା ୩୦ରେ ବୌଦ୍ଧ ସହରର ପ୍ରସିଦ୍ଧ ଶୈବପୀଠ ଚନ୍ଦ୍ରଚୂଡ଼ ମନ୍ଦିର ପରିସରରେ ଜିଲାପାଳ ସତ୍ୟରଞ୍ଜନ ସାହୁ ଜନସାଧାରଣଙ୍କୁ ଯୋଗଶିକ୍ଷା ପ୍ରଦାନ କରିଛନ୍ତି। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀର, ମନ ସୁସ୍ଥ ରହିବା ସହିତ କାମ କରିବା ପାଇଁ ଉତ୍ସାହ ଆସିଥାଏ। ସ୍ଥିର ଚିତ୍ତରେ ଯୋଗ, ଧ୍ୟାନ, ଉତ୍ତମ ଚିନ୍ତାଧାରା ସହିତ ମାନବ ସେବା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାପାଳ ସାହୁଙ୍କ ଦିଗଦର୍ଶନରେ ଏବଂ ବ୍ରାହ୍ମଣ ସମାଜର ଉଦ୍ୟମରେ ଚନ୍ଦ୍ରଚୂଡ ମନ୍ଦିର ମହାନଦୀ ଘାଟଠାରେ ବିଶିଷ୍ଟ ଦିବସ ଗୁଡିକରେ ମହାନଦୀ ଆଳତୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ବୌଦ୍ଧବାସୀଙ୍କ ଦ୍ୱାରା ଏହା ଆଦୃତ ହୋଇପାରିଛି। ତେବେ ଚନ୍ଦ୍ରଚୂଡ ମନ୍ଦିରର ମନୋରମ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରତିଦିନ ଯୋଗଶିକ୍ଷା କାର୍ଯ୍ୟକ୍ରମ ଚାଲୁ ରଖିବାକୁ ଜିଲାପାଳ ସାହୁ ପରାମର୍ଶ ଦେଇଛନ୍ତି। ଏହି ଯୋଗଶିକ୍ଷା ଅବସରରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଉପଜିଲାପାଳ ରବୀନ୍ଦ୍ରନାଥ କହଁର,ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବ୍ରାହ୍ମଣ ସମାଜ ସମ୍ପାଦକ ଦେବାଶିଷ ପୁରୋହିତଙ୍କ ସମେତ ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।


ଜନସାଧାରଣଙ୍କୁ ଯୋଗଶିକ୍ଷା ପ୍ରଦାନ କରାଯାଉଛି।

# ଜୀବନଶୈଳୀରେ ସୁଧାର ମଣିଷକୁ ଦୀର୍ଘାୟୁ କରିବ

## ଶତାୟୁ ସମ୍ମାନ କାର୍ଯ୍ୟକ୍ରମରେ ମତପ୍ରକାଶ

**ବରଗଡ ଅଫିସ,୧୮।୨**

ଆଜିର ପରିବର୍ତ୍ତନଶୀଳ ଦୁନିଆରେ ଶହେ ବର୍ଷରୁ ଅଧିକ ବଞ୍ଚିରହିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା ପାଇଁ ବରଗଡ଼ରେ ଶନିବାର ଶତାୟୁ ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା। ଡାକ୍ତର ରାମକୃଷ୍ଣ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ମୀନକେତନ କର ମୁଖ୍ୟ ଅତିଥି, ଡା. ପ୍ରଦୀପ କୁମାର ନାୟକ, କବି ଅଚ୍ୟୁତ ପୁରୋହିତ, ପରିବେଶବିତ୍ ଜେଠୁ ଭୋଇ, ସୁରେନ୍ଦ୍ର ହୋତା, ରଞ୍ଜନ ଦେବତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶତାୟୁ ବ୍ୟକ୍ତିଙ୍କ ସାନିଧ୍ୟରେ ଆସି ନିଜ ଜୀବନଶୈଳୀରେ ସୁଧାର ଆଣିଲେ ଆଜି ମଧ୍ୟ ମଣିଷ ଦୀର୍ଘାୟୁ ହୋଇପାରିବ ବୋଲି ସେମାନେ ମତପ୍ରକାଶ କରିଥିଲେ। ମିନାକ୍ଷୀ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ୧୩ ଜଣ ଶତାୟୁଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶତାୟୁ ବ୍ୟକ୍ତିଙ୍କୁ ଏପରି ଏକ ଭବ୍ୟ ସଭାରେ ସମ୍ମାନିତ କରାଯାଇଥିବାରୁ ସେମାନେ ବେଶ୍ ଉତ୍ସାହିତ ହୋଇପଡିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଯୋଗଦାନ କରିଥିଲେ । ହେଲ୍‌ଥ ଏଜୁକେଶନ ଫାଉଣ୍ଡେଶନର ଶତାୟୁ ସମ୍ମାନ ସମାରୋହକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।


ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ଶତାୟୁଗଣ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ହାୱା ମଇଦାନ, ଅପରାହ୍ନ ୨ଟା।
- ସେତୁ ଆୟୋଜିତ ୨୩ତମ ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଯାପନୀ ଉତ୍ସବ, ଅଇଁଠାପାଲି ନିକଟ ପିଏଚ୍‌ଡି ପଡିଆ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଜେଲ ଗଲେ ଆର୍‌ଆଇ

କୁଚିଣ୍ଡା,୧୮।୨(ଡି.ଏନ.ଏ.): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା କୁଚିଣ୍ଡା ତହସିଲ ଗୋଛରା ସେକ୍ସନ ଆର୍‌ଆଇ ସତ୍ୟନାରାୟଣ କଉଡି ଜେଲ ଯାଇଛନ୍ତି। କୁଚିଣ୍ଡା ତହସିଲ ଅଧୀନ ଗୁରୁଆଁ ଗ୍ରାମର ଖିତୁ କିଷାନ ଜମି ପଟ୍ଟା ପାଇଁ ତହସିଲ ଅଫିସରେ ଆବେଦନ କରିଥିଲେ। ହେଲେ ତଦନ୍ତ ରିପୋର୍ଟ ପାଇଁ ଆର୍‌ଆଇ କଉଡି କୁଆଡେ ଲାଞ୍ଚ ମାଗିଥିଲେ। ଗତ ଗୁରୁବାର ୫ହଜାର ଟଙ୍କା ଲାଞ୍ଚ ନେବା ସମୟରେ ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି କବିତା ସାହୁଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଆର୍‌ଆଇ କଉଡିଙ୍କୁ ଗିରଫ କରିଥିଲେ। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ବ୍ରହ୍ମାକୁମାରୀ କେନ୍ଦ୍ରରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ

ଜମନକିରା,୧୮।୨(ଡି.ଏନ.ଏ.): ଜମନକିରା ବ୍ରହ୍ମକୁମାରୀ କେନ୍ଦ୍ରରେ ୮୭ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ ଯୋଗଦେଇ ବ୍ରହ୍ମା ବାବାଙ୍କ ପତାକା ଉତ୍ତୋଳନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଆତ୍ମା ଓ ପରମାତ୍ମା, ଶିବଙ୍କ ସହ ରାତ୍ରିର ସମ୍ବନ୍ଧ, ଉପବାସ କ'ଣ, କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର ଆଦିକୁ ଛାଡ଼ି ପରମାତ୍ମାଙ୍କ ସହ ଯୋଡ଼ି ହେବାକୁ ପରାମର୍ଶ ଦେଇଥିଲେ। ଖବରଦାତା ରବୀନ୍ଦ୍ର ଦାନି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବରାତ୍ରି ଉପବାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରର କସ୍ତୁରୀ ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ରର ଭଗାନ ଭାଇ, ରାଜେଶ ଭାଇ, ନନ୍ଦଲାଲ ଭାଇ, ଦୀପ୍ତି ଭଉଣୀ, ଯାମିନୀ ଭଉଣୀ, ନୀଳିମା ଭଉଣୀ ସହଯୋଗ କରିଥିଲେ।

### ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

କୋଲାବିରା,୧୮।୨(ଡି.ଏନ.ଏ.): କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସମାସିଂହାସ୍ଥିତ ରାଜୀବ ଭବନଠାରେ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତ ମୁଖ୍ୟଅତିଥି ଓ ସ୍ଥାନୀୟ ସରପଞ୍ଚ କରୁଣାକର ସେଠ, ପୋଖରାସାହ୍ଲେ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମାମୁକ୍ତ ସଚେତନତା ବାର୍ତ୍ତା ଦେଇଥିଲେ। ବରିଷ୍ଠ ଯକ୍ଷ୍ମା ତଦାରଖକାରୀ ଅଧିକାରୀ ସୁରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପିପିଏମ୍ ସଂଯୋଜକ ଆଲୋକ କୁମାର ଝରିଆ, କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶରତ ଚନ୍ଦ୍ର ପ୍ରଧାନ, ପିଏଚ୍‌ଇଓ ସନାତନ ବାଗ୍, ବିଏଏମ ବିକାଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଗ୍ରାମ ରାସ୍ତାରେ ଭାରିଯାନ ଅଟକାଇଲେ ମହିଳା

ସମ୍ବଲପୁର,୧୮।୨(ବ୍ୟୁରୋ)


କତରବଗା ନିକଟରେ ଆଶ୍‌ପଣ୍ଡକୁ ନେଇ ଶୁକ୍ରବାର ଚାଲିଥିବା ଆଲୋଚନା ।

ସମ୍ବଲପୁର ଜିଲା କତରବଗା ଥାନା ଲୁଧାପାଲି ଗ୍ରାମ ନିକଟରେ ଆଦିତ୍ୟ ବିର୍ଲା କମ୍ପାନୀର ଆଶ୍‌ପଣ୍ଡ ଡମ୍ପିଂୟାର୍ଡକୁ ନେଇ ଶୁକ୍ରବାର ବିବାଦ ଦେଖାଦେଇଥିଲା। ପୋଲିସ ସ୍ଥାନୀୟ ଜନ ପ୍ରତିନିଧି, ବିଜେଡି ନେତା ଓ ଗ୍ରାମବାସୀଙ୍କୁ ଗିରଫ କରି ଥାନାରୁ ଜାମିନ ପ୍ରଦାନ କରିଥିଲା। ଶନିବାର ପୁଣି ଆଶ୍‌ପଣ୍ଡ ପରିବହନରେ ନିୟୋଜିତ ଟ୍ରକଗୁଡ଼ିକୁ ଗୁଲାମାଲା ଗ୍ରାମ ନିକଟରେ ମହିଳାମାନେ ଅଟକାଇଥିଲେ। ପ୍ରାୟ ୧ଘଣ୍ଟା ରାସ୍ତା ଅବରୋଧ ପରେ ପୋଲିସ ପହଞ୍ଚିବାରୁ ସ୍ଥିତି ସୁଧୁରିଥିଲା।

ମହିଳାମାନେ ଅଭିଯୋଗ କରିଥିଲେ, ଗ୍ରାମ ଭିତର ଦେଇ ଯାଇଥିବା ରାସ୍ତାରେ ଦୈନିକ ଶତାଧିକ ଯାନବାହନ ଚଳାଚଳ କରୁଛି। ଫଳରେ ରାସ୍ତା ଅବସ୍ଥା ଶୋଚନୀୟ ହେବା ସହ ଗ୍ରାମବାସୀଙ୍କ ଜୀବନ ପ୍ରତି ବିପଦ ରହୁଛି। ପରେ ସେମାନଙ୍କ ଦାବି ମୁତାବକ ଭାରିଯାନ ଚଳାଚଳ ବନ୍ଦ ରହିଥିଲା। ହେଲେ ଗତକାଲି ଡମ୍ପିଂୟାର୍ଡରେ ଆଶ୍‌ପଣ୍ଡ ପକାଇବା ପାଇଁ ମାଟିଖୋଳା କାମରେ ନିୟୋଜିତ କମ୍ପାନୀ ପୁଣି କାମ ଆରମ୍ଭ କରିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିଲା। ହେଲେ ଶୁକ୍ରବାର ଘଟଣାକୁ ନେଇ ଜିଲାରେ ଆଲୋଚନା ଜୋର ଧରିଛି। ଗିରଫ ହୋଇଥିବା ବିଜେଡି ଓ ଅନ୍ୟ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ଝାରସୁଗୁଡା ଓ ରାଜ୍ୟ ବାହାର ବ୍ୟବସାୟୀମାନେ ଏ ଅଞ୍ଚଳକୁ ଆସି ଲାଭ ଟଙ୍କା ନେଉଛନ୍ତି। ହେଲେ କମ୍ପାନୀ ନିୟମ ଅନୁସାରେ କୌଣସି କାମ କରାଯାଉ ନାହିଁ। ପାରିପାର୍ଶ୍ୱିକ ପାଣ୍ଠିରୁ ଦିଆଯାଇଥିବା ପ୍ରସ୍ତାବ, ଜିଲାପାଳ ଅନୁମୋଦନ କରିଥିବା ପ୍ରକଳ୍ପ କାମ ମଧ୍ୟ ହେଉ ନାହିଁ। ମୌଳିକ ସୁବିଧା ପାଇଁ ଆନ୍ଦୋଳନ କରାଯାଉଥିବାବେଳେ ପୋଲିସ ଲଗାଇ ମିଥ୍ୟା ମାମଲା ରୁଜୁ କରାଯାଉଛି। ସ୍ଥାନୀୟ ଜିଲାପରିଷଦ ସଭ୍ୟ ଦେଓ ନାରାୟଣ ତିୱାରୀ କହିଛନ୍ତି, ଶୁକ୍ରବାର ହୋଇଥିବା ଘଟଣାରେ ଟ୍ରାନ୍ସପୋର୍ଟର ପାଖରେ କୌଣସି ପ୍ରମାଣ ନାହିଁ। ତଥାପି ଶାନ୍ତିପୂର୍ଣ୍ଣ ଭାବେ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କ ସମସ୍ୟାକୁ ନେଇ ଘଟଣାସ୍ଥଳକୁ ଯାଇଥିଲେ। ସ୍ଥାନୀୟ ତହସିଲଦାର, ବିଡିଓ, ପୋଲିସ ସହ ମୋତେ ମଧ୍ୟ ଅବଗତ କରାଯାଇଥିଲା। ତେଣୁ ସମର୍ଥକମାନଙ୍କ ସହ ଯାଇଥିଲୁ ବୋଲି ସେ କହିଥିଲେ। ଅନ୍ୟପଟେ ଭାଜପା ନେତା ସମୀର ରଞ୍ଜନ ବାବୁ ଅଭିଯୋଗ କରିଛନ୍ତି, ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତି ନେଇ ବିଜେଡି ଜିଲାପରିଷଦ ସଭ୍ୟ ଓ ଅନ୍ୟ ନେତାଙ୍କୁ ପୋଲିସ ଗିରଫ କରିଥିଲା। ହେଲେ ପୂର୍ବତନ ମନ୍ତ୍ରୀ ତଥା ଭଟ୍‌ଲି ବିଧାୟକ ସୁଶାନ୍ତ ସିଂ ପହଞ୍ଚି ପରେ ଡିଆଇଜି ଅଫିସ ପରିସରରେ ଜିଲାପାଳ ଅନନ୍ୟା ଦାସ, ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦିପକ କୁମାର, ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ବୈଠକ ପରେ ସେମାନଙ୍କୁ ଥାନାରୁ ଜାମିନ ଦେଇ ଛାଡି ଦେଇଥିଲେ। ଶାସକ ଦଳର ନେତା ହୋଇଥିବାରୁ ଥାନାରୁ ଜାମିନ ଦିଆଗଲା ବୋଲି ବାବୁ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଶୁକ୍ରବାର ଟ୍ରାନ୍ସପୋର୍ଟର କମ୍ପାନୀ ମ୍ୟାନେଜର ଅମିତ କୁମାର ମଜୁମ୍‌ଦାରଙ୍କ ଅଭିଯୋଗ କ୍ରମେ କତରବଗା ଥାନାରେ ୭ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ହେଲେ ଘଟଣାରେ ଅନ୍ୟ ୩୦ରୁ ୪୦ଜଣଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କତରବଗା ଥାନା ଅଧିକାରୀ ପ୍ରତାପ ରଣା କହିଛନ୍ତି, ଦଫାଗୁଡିକ ଦେଖି ଥାନାରୁ ଜାମିନ ଦିଆଯାଇଛି। ଜିଲାପରିଷଦ ସଭ୍ୟଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି ବୋଲି ସେ କହିଥିଲେ।

**ଆଶ୍‌ପଣ୍ଡ ଡମ୍ପିଂୟାର୍ଡକୁ ବିରୋଧ ପ୍ରସଙ୍ଗ**

**ଥାନାରୁ ଜାମିନ ନେଇ ପ୍ରଶ୍ନ କଲା ଭାଜପା**

## ଜଳନ୍ଧର ଦରବାର ଉଦ୍‌ଘାଟିତ

କୁଚିଣ୍ଡା,୧୮।୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତର କଦୋପଡା ଚକଦରହଠାରେ ତିନିଦିନ ଧରି ହେବାକୁ ଥିବା ମହାଶିବରାତ୍ରି ଓ ଜଳନ୍ଧର ଦରବାର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଅପରାହ୍ନରେ କଳସଯାତ୍ରା ସାଙ୍ଗକୁ ଜଳନ୍ଧର ଜନ୍ମ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଟାଇଁସର ସରପଞ୍ଚ ରାଜେନ୍ଦ୍ର କିଷାନ, ସାଲେଭାଜି ସରପଞ୍ଚ ଧନୁର୍ଜୟ ନାଏକ, ସମିତି ସଭ୍ୟ ସନ୍ତୋଷ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜଳନ୍ଧର ଦରବାର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିବରାତ୍ରି ଅବସରରେ ପ୍ରଥମଥର ପାଇଁ ଜଳନ୍ଧର ଦରବାର ହେଉଥିବାରୁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଜଳନ୍ଧର ଭୂମିକାରେ ବିଭୂତି କଲ୍ୟାଣ କଟେଲ ଓ ଅନ୍ୟାନ୍ୟ ଭୂମିକାରେ ସ୍ଥାନୀୟ କଳାକାରମାନେ ଅଭିନୟ କରୁଛନ୍ତି। କାର୍ଯ୍ୟକ୍ରମକୁ ଚକଦରହ କମିଟି ସଭାପତି ଉପେନ୍ଦ୍ର ପଟେଲ, ଉପସଭାପତି ପ୍ରଫୁଲ୍ଲ ସେଉଳ ଓ ସରୋଜ ମହାକୁଳ, ସମ୍ପାଦକ ମହେନ୍ଦ୍ର ମହାକୁଳ, ସହସମ୍ପାଦକ ଯତୀନ୍ଦ୍ର କିଷାନ ଓ ସଞ୍ଜୀବ ପଟେଲ,କୋଷାଧ୍ୟକ୍ଷ ପବିତ୍ର ମୋହନ ପଟେଲ ପରିଚାଳନା କରୁଛନ୍ତି।

# ସରକାରୀ ମହିଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ସମ୍ବଲପୁର,୧୮।୨(ବ୍ୟୁରୋ)

**ମା' ସମଲେଶ୍ୱରୀଙ୍କ ନାମରେ ନାମିତ ହେଉ**

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ସହ ମା' ସମଲେଶ୍ୱରୀଙ୍କ ନାମରେ ନାମିତ କରାଯାଉ। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ମା' ସମଲେଶ୍ୱରୀ ମହିମା ପ୍ରଚାର ସମିତି ଦାବି କରିଛି। ବିଶ୍ୱବିଦ୍ୟାଳୟ ସମୂହର କୁଳାଧିପତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ଦାବିପତ୍ରରେ ସମିତିର ଆବାହକ ତ୍ରିବିକ୍ରମ ପ୍ରଧାନ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏଥିରେ ଦର୍ଶାଯାଇଛି ରାଜ୍ୟ ସରକାର ଉଚ୍ଚ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ରାଜ୍ୟର ଏକାଧିକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଇଛି। ନାରୀ ଶିକ୍ଷା ଓ ମହିଳା ସଶକ୍ତୀକରଣକୁ ବି ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଓଡ଼ିଶାର ଅନ୍ୟତମ ସର୍ବପୁରାତନ ମହିଳା ମହାବିଦ୍ୟାଳୟ ଭାବେ ସମ୍ବଲପୁର ସରକାରୀ ମହିଳା କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାକୁ ସମସ୍ତ ଯୋଗ୍ୟତା ରଖେ। ୬୪ବର୍ଷ ତଳେ ସ୍ଥାପିତ ଏହି ମହାବିଦ୍ୟାଳୟରେ ଉନ୍ନତ ଶିକ୍ଷା ପ୍ରଦାନର ଇତିହାସ ରହିଛି। ଏହି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଅନେକ ଛାତ୍ରୀ ଦେଶବିଦେଶରେ ପ୍ରତିଷ୍ଠିତ ହୋଇଛନ୍ତି। ମହାବିଦ୍ୟାଳୟର ଯଥେଷ୍ଟ ପରିମାଣର ନିଜସ୍ୱ ଜମି ମଧ୍ୟ ରହିଛି। ଗତ ବର୍ଷଠାରୁ ଏଠାରେ ସମସ୍ତ ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିଛି। ଏହାଛଡା ସରକାର ସମଲେଇ ଯୋଜନାରେ ମା' ସମଲେଶ୍ୱରୀଙ୍କ କ୍ଷେତ୍ରର ବିକାଶ କାର୍ଯ୍ୟ ହାତକୁ ନେଇଛନ୍ତି। ତେଣୁ ମା'ଙ୍କ ନାମରେ ବିଶ୍ୱବିଦ୍ୟାଳୟ ହେଲେ ଏହା ସମ୍ବଲପୁର ସହରରେ ଶିକ୍ଷା ଓ ନାରୀ ଶକ୍ତିର ବିକାଶ କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ ସାବ୍ୟସ୍ତ ହେବ। ସରକାର ଏ ଦିଗରେ ସକରାତ୍ମକ ଭାବେ ବିଚାର କରନ୍ତୁ ବୋଲି ପ୍ରଧାନ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ: ବାଲେଶ୍ୱର ଚାମ୍ପିୟନ


ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଅତିଥି ଓ ଖେଳାଳି ।

ସମ୍ବଲପୁର,୧୮।୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ମାନେଶ୍ୱରଠାରେ ଏମ୍‌ବିସି କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଲେଶ୍ୱର ଜିଲାର ରାହୁଲ ବିଟୁ ଯୋଡି ଚାମ୍ପିୟନ ହୋଇଛନ୍ତି। ସେହିପରି କୋରାପୁଟ ଜିଲାର ସିନ୍ଧୁ ମଇକାନ୍ତ ଯୋଡି ଦ୍ୱିତୀୟ, ବଲାଙ୍ଗୀରର ଇର୍‌ଫାନ ଚିନ୍ତି ଯୋଡି ତୃତୀୟ ଓ ସୋନପୁରର ସରୋଜ କରନ ଯୋଡି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଝାରସୁଗୁଡା ଜିଲାର ସନବିତ ମୁକ୍ତି ଯୋଡି ଶୃଙ୍ଖଳିତ ଦଳ, ବାଲେଶ୍ୱରର ରାହୁଲଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ପୁରସ୍କାର ବିତରଣୀ ସଭାରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଓ ଶିଳା ଶିବ ପ୍ରସାଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥଲେ। ଏମ୍‌ବିସି କ୍ଲବର ରଞ୍ଜିତ ମେହେର, ବିବେକ ଭୂଷଣ ନାୟକ, ସନ୍ତୋଷ ରାଓ, ପ୍ରଶାନ୍ତ ସାହୁ, ଫ୍ରାନସିସ ଫୁଲକରନ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

ମୁରିବାହାଲ, ୧୮।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ତହସିଲ ଚଣାବାହାଲ ପଞ୍ଚାୟତ ଅନ୍ତର୍ଗତ କୁର୍ଲୁବାହାଲ ଓ ସରଧାପୁର ଗ୍ରାମରେ ଚାଲିଥିବା ୩ ବେଆଇନ ଇଟାଭାଟିକୁ ପ୍ରଶାସନ ଜେସିବି ଲଗାଇ ଭାଙ୍ଗି ଦେଇଛି। ଜିଲା ପ୍ରଶାସନ ଓ ମୁରିବାହାଲ ତହସିଲ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଇଟା ତିଆରି ଓ ଚାଲାଣରେ ବ୍ୟବହୃତ ୧୨ ଟ୍ରାକ୍ଟର, ୨ଜେସିବି, ୨ହାଇୱା, ୧ଟି ହାଇଡ୍ରା ଜବତ କରାଯାଇଛି। ସରଧାପୁର ଗ୍ରାମରେ ୨ଟି ଓ କୁର୍ଲୁବାହାଲ ଗ୍ରାମରେ ଗୋଟିଏ ଇଟାଭାଟି ବେଆଇନଭାବେ ଗଢି ଉଠିଥିଲା। ଉଭୟ ଇଟାଭାଟରୁ ୧୨ଟି ଟ୍ରାକ୍ଟର, ୨ଟି ଜେସିବି, ୨ହାଇୱା ଓ ଗୋଟିଏ ହାଇଡ୍ରାକୁ ପ୍ରଶାସନ ଜବତ କରି ମୁରିବାହାଲ ତହସିଲ କାର୍ଯ୍ୟାଳୟକୁ ଆଣିଛି। ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀଙ୍କ ନେତୃତ୍ୱରେ କରାଯାଇଥିବା ଚଢାଉରେ ମୁରିବାହାଲ ତହସିଲଦାର ସୋନାଲି ପାତ୍ର, ସହାୟକ ଜିଲାପାଳ ଲଳିତ ବାଗ, ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର, କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ମୁରିବାହାଲ ଭାରପ୍ରାପ୍ତ ଥାନା ଅଧିକାରୀ ପଞ୍ଚାନନ ନାୟକ,ବଙ୍ଗୋମୁଣ୍ଡା ଥାନା ଅଧିକାରୀ ପ୍ରଣୟ ମୁର୍ମୁ, ଟିଟିଲାଗଡ଼ ଆଇଆଇସି ରଞ୍ଜନ ବରିହା,କଣ୍ଟାବାଞ୍ଜି ଆଇଆଇସି ରଶ୍ମିତା ବେହେରା, ଏସଆଇ ଦନାର୍ଦନ ଓରାମ, ଏସଆଇ ହୀରା ଖାଲକୋ,ବଲାଙ୍ଗୀର ଶ୍ରମକାର୍ଯ୍ୟାଳୟରୁ ଅତିରିକ୍ତ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ ଓ ତାନାମଣୀ ସୋରେନ, ଶ୍ରମ ବିଭାଗ ଇନ୍ସପେକ୍ଟର ପ୍ରଶାନ୍ତ ସୁନା ସାମିଲ ହୋଇଥିଲେ।

# ଡାକ୍ତରଙ୍କ କର୍ମଶାଳାରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନକୁ ଗୁରୁତ୍ୱ



କର୍ମଶାଳାରେ ମଞ୍ଚାସୀନ ଅତିଥି ।

ସମ୍ବଲପୁର,୧୮।୨(ବ୍ୟୁରୋ

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନେ କିଭଳି ପ୍ରମାଣପତ୍ର ପାଇବା ସହ ସରକାରୀ ସୁବିଧା ପାଇପାରିବେ ସେ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଭିମ୍‌ସାର ଅଧୀକ୍ଷକ ଡା. ଲାଲମୋହନ ନାୟକ, ସିଡିଏମ୍‌ଓ ପୂର୍ଣ୍ଣଚନ୍ଦ୍ର ସାହୁ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ରାମକିଶୋର ଶର୍ମା, ଡା. ସନ୍ତୋଷ ମିଶ୍ର, ଡା. ପ୍ରମୋଦ ବିଶ୍ୱାଳ, ଡା. ସୁକାନ୍ତ ପାଣିଗ୍ରାହୀ, ଡା. ସୁଜାତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ଭିନ୍ନକ୍ଷମ ଅଧିକାରୀ କର୍ମଶାଳା ପରିଚାଳନା କରିଥିଲେ। ଏଥିରେ ୪୬ ଡାକ୍ତର ଓ ୧୬ଜଣ ବିଶେଷଜ୍ଞ ଯୋଗଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତୀକରଣ ବିଭାଗ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା।

## ଭାଲୁବାହାଲ ଚର୍ଚ୍ଚ ପକ୍ଷରୁ ବାର୍ଷିକ ପ୍ରାର୍ଥନା ଉତ୍ସବ

ସମ୍ବଲପୁର,୧୮।୨(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ନିକଟ ଭାଲୁବାହାଲ ଚର୍ଚ୍ଚ ପକ୍ଷରୁ ବାର୍ଷିକ ପ୍ରାର୍ଥନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଙ୍ଗାଲୁରରୁ ରାମ ବାବୁ ଯୋଗଦେଇଥିଲେ। ୩ଦିନ ଧରି ହୋଇଥିବା କାର୍ଯ୍ୟକ୍ରମକୁ ଆୟୋଜକ ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ପ୍ରଶାନ୍ତ କୁମାର ମୁଣ୍ଡା ଏବଂ ମଣ୍ଡଳୀର ସଲୀଳା ପଣ୍ଡା, ଚନ୍ଦ୍ର ଶେଖର ଜେନା ପ୍ରମୁଖ ପରିଚାଳନା କରିଥିଲେ । ଉତ୍ସବର ପ୍ରଥମ ଦିନରେ ମୁଖ୍ୟଅତିଥି ଭାବରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଦ୍ୱିତୀୟ ଦିବସରେ ଶିକ୍ଷାବିତ୍ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ଉଦ୍‌ଯାପନୀ ଉତ୍ସବରେ ସେଣ୍ଟ ଜୋସେଫ ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ଅଞ୍ଜନା, ସିଷ୍ଟର ଟେରିସିଟା, ସିଷ୍ଟର ଡୋଲରିଟା, ବୁର୍ଲା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ ପ୍ରମୁଖ ଯୋଗଦେଇଥିଲେ ।

## ଶିବ ଦର୍ଶନ ଭବନରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ

ସମ୍ବଲପୁର,୧୮।୨(ବ୍ୟୁରୋ)

ସମ୍ବଲପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶିବ ଦର୍ଶନ ଭବନରେ ୮୭ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗରାଜୁ, ସିଆର୍‌ପିଏଫ୍ ଡିଆଇଜି ଲାଲଚାନ୍ଦ ଯାଦବ, ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବ ବାବା ଜ୍ଞାନ ଓ ଯୋଗ ଶିକ୍ଷା ଦେଇ ଆତ୍ମାମାନଙ୍କୁ ଦୈବୀ ଗୁଣ ଦେବା ପାଇଁ ଧରାପୃଷ୍ଠରେ ଅବତରଣ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ରାଜଯୋଗିନୀ ବ୍ରହ୍ମକୁମାରୀ ପାର୍ବତୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରମାତ୍ମା ଶିବ ବାବାଙ୍କର ଅବତରଣ ସମ୍ପର୍କରେ ବୁଝାଇଥିଲେ। ଦୃଢ଼ ସଂକଳ୍ପ ନେଇ ପାଞ୍ଚ ବିକାର ଭଳି ଦୁର୍ବଳତାକୁ ତ୍ୟାଗ କରିବା ଆବଶ୍ୟକ ବୋଲି କହିଥିଲେ। ସୌରଭ ଷଡଙ୍ଗୀ ଶିବ ଶ୍ଳୋକ ଓ ଶିବ ଭଜନ ଗାନ କରିଥିଲେ। ଶେଷରେ ସମସ୍ତେ ସାମୂହିକ ରାଜଯୋଗ ଅଭ୍ୟାସ କରିଥିଲେ। ବ୍ରହ୍ମକୁମାରୀ ଆରତି ଓ ବ୍ରହ୍ମକୁମାରୀ ଦୀପା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ତ୍ରିମୂର୍ତ୍ତି ଶିବ ଜୟନ୍ତୀରେ ଅତିଥିମାନେ।

# ଜାଗର ଜାଳି ଉଜାଗର ରହିଲେ ଶ୍ରଦ୍ଧାଳୁ

ସମ୍ବଲପୁର/ କୁଚିଣ୍ଡା/ ପଡିଆବାହାଲ,୧୮।୨(ବ୍ୟୁରୋ/ଡି.ଏନ୍.ଏ.)


ମାନେଶ୍ୱର ମାନଧାତା ବାବା ମନ୍ଦିରରେ ଭକ୍ତମାନେ ଦୀପ ଜାଳୁଛନ୍ତି ।


ବରେଇପାଲି ଶିଳ୍ପାଞ୍ଚଳ ଭବାନୀଶଙ୍କର ବାବାଙ୍କର ଶିବରାତ୍ରି ପୂଜା ।

ମହାଶିବରାତ୍ରି ଅବସରରେ ସମ୍ବଲପୁରର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ମହାଦୀପ ଉଠିବା ପର୍ଯ୍ୟନ୍ତ ଶିବାଳୟରେ ଜାଗର ଜାଳି ଶ୍ରଦ୍ଧାଳୁମାନେ ଉଜାଗର ରହିଥିଲେ। ଭକ୍ତଙ୍କ ଓମ୍ ନମଃ ଶିବାୟ ଧ୍ୱନିରେ ମୁଖରିତ ହୋଇଥିଲା ମନ୍ଦିର ପରିସର। ହୁମା ବିମଳେଶ୍ୱର ବାବା, ମାନେଶ୍ୱର ମାନଧାତା ବାବା, ବୁଢ଼ାରଜା ମନ୍ଦିର, ଦୁର୍ଗାପାଲି ଗୁଡେଶ୍ୱର ମନ୍ଦିର, ଭତରା ଶଙ୍କର ମଠ ଓ କୁଲୁଥକାନୀ ଶିବ ମନ୍ଦିର, ବାଲିବନ୍ଧା ସୋମନାଥ, ବୁଢ଼ାରଜାର କୋଶଳେଶ୍ୱର, ବଡ଼ରମାର ମୁକ୍ତେଶ୍ୱର, ବୁର୍ଲାର ଈଶାନେଶ୍ୱର, ମନ୍ଦଲିଆର ଗୁଡ଼େଶ୍ୱର, ମୁଦିପଡ଼ାର ଜାଗେଶ୍ୱର, ଫାଟକର ମହାକାଳେଶ୍ୱର, ଭତ୍ରାର ସ୍ୱପ୍ନେଶ୍ୱର, ଝାଡୁଆପଡ଼ାର ଲୋକନାଥ, ନନ୍ଦପଡ଼ାର ବମ୍ବରାଡ଼ ବାଲୁଙ୍କେଶ୍ୱର, ବଡ଼ବଜାରର ଶୀତଳେଶ୍ୱର, ଜିଲା ସ୍କୁଲ ଛକର ବିଶ୍ୱନାଥ, ପୋଲିସ ଲାଇନର ବିଶ୍ୱେଶ୍ୱର, ଠାକୁରପଡାର ଗୁପ୍ତେଶ୍ୱର, ହୁମାର ବିମଳେଶ୍ୱର ବାବା, ବରେଇପାଲି ଶିଳ୍ପାଞ୍ଚଳର ଭବାନୀଶଙ୍କରଙ୍କ ପୀଠରେ ଶିବରାତ୍ରି ପାଳିତ ହୋଇଛି। ଭକ୍ତମାନେ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କରି ଉଜାଗର ରହିଥିଲେ। ମଧ୍ୟରାତିରେ ମହାଦୀପ ଉଠିବା ପରେ ଭକ୍ତମାନେ ଦର୍ଶନ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ସେହିପରି ପବିତ୍ର ମହାଶିବରାତ୍ରି ଓ ଜାଗର ମେଳା ପାଇଁ କୁଚିଣ୍ଡାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଏହି ଦିନରେ ମହାଦେବଙ୍କୁ ବେଲପତ୍ର, କ୍ଷୀର, ଅରଖ ଓ ଦୁଦୁରା ଫୁଲ ଅର୍ପଣ କରି ଜଳଲାଗି କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଭକ୍ତମାନେ ମନ୍ଦିର ସମ୍ମୁଖରେ ଉପବାସ ରହି ଅଧିଆ ପଡିଥିବା ଦେଖିବାକୁ ମିଳିଥିଲା। ରାତିରେ ମନ୍ଦିରରେ ମହାଦୀପ ଉଠିବା ପରେ ବ୍ରତଧାରୀ ଉପବାସ ଭଙ୍ଗ କରିଥିଲେ। କୁଚିଣ୍ଡାର ଝୁଲେନପୋଲ ପାଖରେ ଥିବା ଶିବ ମନ୍ଦିର, କୁଣ୍ଡେଶ୍ୱର ମନ୍ଦିର, ପାନପାଲି, କିରାଶାସନ, ପାରୁଆଭାଡି, ଜୟପୁରଗଡ, ଚକଦରହ, ଗୁଦଗୁଦା, ତୁରେଇ, କେଶାଇବାହାଲ, ଦୋଭାୟା, ଜରାବଗା, ବାମରା, ମହାବୀର, କେନ୍ଦୁପାଣି ଆଦି ସ୍ଥାନରେ ଜାଗରଯାତ୍ରା ପାଳିତ ହୋଇଯାଇଛି।

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଧାନପାଲି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ବ୍ରହ୍ମାକୁମାରୀ ତପସ୍ୱିନୀ ଭଉଣୀଙ୍କ ପୌରୋହିତ୍ୟରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏ ଅବସରରେ ଅନୁଷ୍ଠିତ ସଭାରେ ପଧାନପାଲି ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେରିହା ମୁଖ୍ୟଅତିଥି, ଖବରଦାତା ରାଧାମୋହନ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବରାତ୍ରୀ ପାଳନର ମହତ୍ତ୍ୱ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ସଭା ପରେ ଧ୍ୱଜା ଉତ୍ତୋଳନ କରାଯାଇଥିଲା।

## ସଂକ୍ଷେପରେ

### ନିଷ୍ଠା, ଭକ୍ତିରେ ମହାଶିବରାତ୍ରି ପାଳିତ



ଖୁଜେନପାଲି ଧବଳେଶ୍ୱର ବାବା ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

**ବଲାଙ୍ଗୀର ଅଫିସ, ୧୮।୨:** ବଲାଙ୍ଗୀର ଜିଲାର ପ୍ରସିଦ୍ଧ ଶୈବପୀଠରେ ଶନିବାର ପବିତ୍ର ମହାଶିବରାତ୍ରି ପାଳିତ ହୋଇଯାଇଛି। ଭୋର ୩ଟାରୁ ଶୈବପୀଠ ଗୁଡିକରେ ଭକ୍ତଙ୍କ ଭିଡ ଓ ସମାଗମ ଦେଖିବାକୁ ମିଳିଥିଲା। ଜିଲାର ପ୍ରସିଦ୍ଧ ଶୈବପୀଠ ହରିଶଙ୍କର, ରାଣୀପୁର-ଝରିଆଲ ସ୍ଥିତ ସୋମେଶ୍ୱର ମନ୍ଦିର, କୁମୁଡାପାହାଡ ସ୍ଥିତ ଶିବମନ୍ଦିର, ଯୋଗୀସର୍ଡାର ଯୋଗେଶ୍ୱର ବାବା, ସାନଟିକାର ଜଳେଶ୍ୱର ବାବା ମନ୍ଦିରରେ ମହାଉତ୍ସାହର ସହ ମହାଶିବରାତ୍ରି ପାଳିତ ହୋଇଛି। ବଲାଙ୍ଗୀର ସହରର ଲୋକନାଥ ମନ୍ଦିର, ସାଗରପଡା ଶିବମନ୍ଦିର, ରେଲୱେ ଷ୍ଟେଶନ୍ ଶିବମନ୍ଦିର, ଖୁଜେନପାଲି ଧବଳେଶ୍ୱର ବାବା, ଆନନ୍ଦ ନିକେତନ ସ୍ଥିତ ବିଶ୍ୱାତ୍ମ ଚେତନା ପରିସର ମନ୍ଦିର ଓ ତୁଳସୀନଗରର ତ୍ରଣ୍ଟେଶ୍ୱର ବାବା ମନ୍ଦିରରେ ମହାଶିବରାତ୍ରି ପାଳନ କରାଯାଇଛି। ଖୁଜେନପାଲି ଶିବମନ୍ଦିରରେ ବିକ୍ରମାନନ୍ଦ ବହିଦାର, ସଂଗ୍ରାମ ବହିଦାର ଏବଂ ଖୁଜେନପାଲି ପୂଜା କମିଟି ସଭ୍ୟଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ଶିବରାତ୍ରି ସମାପନ ହୋଇଥିଲା। ରାତି ୧୦ଟାରେ ସହସ୍ରାଧିକ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିଥିଲେ। ସାଗରପଡା ବାଲୁକେଶ୍ୱର ଶିବମନ୍ଦିରରେ କର୍ତ୍ତା ଭାବେ ସୁମିତ ପୁରୋହିତ ଓ ପୟୋସ୍ୱିନୀ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। କମିଟି ସଦସ୍ୟ ଗୌରଚନ୍ଦ୍ର ପୁରୋହିତ, ସୁଦାମ ଆଚାର୍ଯ୍ୟ, କୃଷ୍ଣ ଆଚାର୍ଯ୍ୟ, ସଞ୍ଜୟ ଚନ୍ଦନ, ପୂଜକ ନବ ଥନାପତି ଉପସ୍ଥିତ ରହି ପୂଜା ପରିଚାଳନାରେ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ଗ୍ରାମରେ ଥିବା ଶୈବପୀଠରେ ଶାନ୍ତିଶୃଙ୍ଖଳାର ସହ ପୂଜା ସମାପନ ହୋଇଥିଲା।

### ଲେଖିକା ସରସ୍ୱତୀ ମିଶ୍ରଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୮।୨:** ବଲାଙ୍ଗୀର ଆନନ୍ଦ ନଗର ନିବାସୀ ପଣ୍ଡିତ ନରୋତ୍ତମ



ମିଶ୍ରଙ୍କ ସ୍ତ୍ରୀ ସରସ୍ୱତୀ ମିଶ୍ର (୯୩)ଙ୍କ ପରଲୋକ ହୋଇଛି। ଜଣେ ମିଷ୍ଟଭାଷୀ, ମେଳାପୀ ଏବଂ ସୁଲେଖିକା ଭାବେ ସେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ନୀଳକଣ୍ଠ, ନିରଞ୍ଜନ, ନିମାଁଇ ଚରଣ, ଝିଅ ନଳିନୀ, ପଦ୍ମିନୀ, ସୁଜ୍ଞାନୀ ଓ ସୁରୁଚି, ଜ୍ୱାଇଁ ତ୍ରିଭୁବନ ଦାସ ଓ ରାଜେନ୍ଦ୍ର ପଣ୍ଡା, ନାତି ନିର୍ମଳ, ନିର୍ଲିପ୍ତ, ଶୋଭନ, ପ୍ରିୟତୋଷ ଓ ସୁମିତ ଉପସ୍ଥିତ ଥିଲେ। ପୁତ୍ର ନିମାଁଇ ଚରଣ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ମିଶ୍ରଙ୍କ ବିୟୋଗରେ ବହୁ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

### ଆଦର୍ଶ ଶିକ୍ଷକ ହରିହର ଶତପଥୀଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୮।୨:** ବଲାଙ୍ଗୀର



ସହରର ଆଦର୍ଶ ଶିକ୍ଷକ ହରିହର ଶତପଥୀ (୮୫) ଶନିବାର ମହାଶିବରାତ୍ରି ସନ୍ଧ୍ୟାରେ ପରଲୋକ ହୋଇଛି। ଜଣେ ନୀତିନିଷ୍ଠ ଶିକ୍ଷକ ଭାବେ ସେ ସୁନାମ ଅର୍ଜନ କରିଥିଲେ। ଛାତ୍ରବତ୍ସଳ ଶିକ୍ଷକ ହୋଇଥିବାରୁ ଅଭିଭାବକଙ୍କ ପ୍ରିୟଭାଜନ ମଧ ହୋଇପାରିଥିଲେ। ସେ ଦୀର୍ଘ ବର୍ଷ ଧରି ସେ ପକ୍ଷଘାତରେ ପୀଡିତ ହୋଇଥିଲେ। ମୃତ୍ୟୁବେଳକୁ ଦୁଇ ପୁଅ ପ୍ରଶାନ୍ତ, ସୁଶାନ୍ତ, ବୋହୂ, ଦୁଇ ଝିଅ ପ୍ରତିଭା ଓ କଲ୍ୟାଣୀ, ନାତି, ନାତୁଣୀ ଉପସ୍ଥିତ ଥିଲେ। ବିଭୂତିପଡ଼ା ଶ୍ମଶାନ ଘାଟ ଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

# ସମୟୋଚିତ ଶିକ୍ଷା ସମୟର ଆହ୍ୱାନ

ବଲାଙ୍ଗୀର ଅଫିସ, ୧୮।୨

ଶୈକ୍ଷିକ ବାତାବରଣ ସହ ସମୟୋଚିତ ଶିକ୍ଷା ଆଜି ସମୟର ଆହ୍ୱାନ। ଏହାକୁ ଅନୁସରଣ ନ କଲେ ଛାତ୍ରୀଛାତ୍ର ପ୍ରତିଯୋଗିତାମୂଳକ ସମୟରେ ନିଜକୁ ଉପଯୁକ୍ତ ଭାବେ ଗଢିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଯୁବୋଦୟ ପକ୍ଷରୁ ଆରମ୍ଭ କରାଯାଇଛି ଯୁବୋଦୟ ଜୁନିୟର ଚାମ୍ପ। ତୃତୀୟ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ବୋର୍ଡ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷିକାସ୍ତରର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରାୟ ତିନି ଶହରୁ ଅଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେହି ପରୀକ୍ଷାର ଫଳାଫଳ ଶନିବାର ଘୋଷଣା କରାଯାଇ ପ୍ରତ୍ୟେକ ଶ୍ରେଣୀରୁ ଶ୍ରେଷ୍ଠ ତିନିଜଣଙ୍କୁ ଅର୍ଥ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ବଲାଙ୍ଗୀର ଟାଉନ ହଲରେ ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ମୁଖ୍ୟବକ୍ତାଭାବେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଯୁବୋଦୟ




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଶିକ୍ଷାକ୍ଷେତ୍ରରେ ଏପରି ପ୍ରତିଯୋଗିତା ଆୟୋଜିତ କରି ଛାତ୍ରୀଛାତ୍ରୀଙ୍କ ଜ୍ଞାନବୃଦ୍ଧି କରିବା ସହ ବୈଶ୍ୱିକ ସ୍ତରରେ ପ୍ରତିଭାଗୀ ହେବାକୁ ପ୍ରସ୍ତୁତ କରିବାରେ ସହାୟକ ଭୂମିକା ନିର୍ବାହ କରୁଛି ବୋଲି ଅତିଥିମାନେ କହିଥିଲେ। ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଯୁବୋଦୟ ପବ୍ଲିକ୍ ସ୍କୁଲ୍ ବିଭିନ୍ନ ଶିକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେବା ସହ ଏପରି ପ୍ରତିଯୋଗିତା ପ୍ରଥମ ଥର ପାଇଁ ଆୟୋଜନ କରାଯାଇଛି ଓ ଆଗକୁ ପ୍ରତିବର୍ଷ ଏପରି ପ୍ରତିଯୋଗିତା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଥିଲେ। ଆସନ୍ତା ସୋମବାରଠାରୁ ପ୍ରତି ଶ୍ରେଣୀ ଛାତ୍ରୀଛାତ୍ର ମାନଙ୍କ ପାଇଁ ରୋବୋଟିକ୍ କ୍ଲାସ ହେବା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଯୁବୋଦୟ ଜୁନିୟର ଚାମ୍ପରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଭାଗୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ତୃତୀୟ ଶ୍ରେଣୀରେ ପ୍ରତୀକ୍ଷା ପ୍ରିୟଦର୍ଶିନୀ ପ୍ରଥମ, ଆର୍ଯ୍ୟମାନ ସିଂଦେଓ

### ଯୁବୋଦୟ ଜୁନିୟର ଚାମ୍ପ ପୁରସ୍କାର ବିତରଣ

ଦ୍ୱିତୀୟ, ଶ୍ଳୋକ ଅମ୍ରିତ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିବାରୁ ପୁରସ୍କାର କରାଯାଇଥିଲା। ଚତୁର୍ଥ ଶ୍ରେଣୀର ସୌଭାଗ୍ୟ ରାଉତ, ସାଇ ସଂକଳ୍ପ ସାମନ୍ତ, ପ୍ରୀତୀଶ ଦାଶ, ପଞ୍ଚମ ଶ୍ରେଣୀର ଆତ୍ମଜା ପଣ୍ଡା, ପ୍ରିୟାଂଶୀ ମିଶ୍ର, ସାଇ ଚନ୍ଦନ ମହାନ୍ତି, ଷଷ୍ଠ ଶ୍ରେଣୀରୁ ଅନିକେତ ତ୍ରିପାଠୀ, ଅବିନାଶ ଅଗ୍ରୱାଲ, କାବ୍ୟାଞ୍ଜଳି ପ୍ରଧାନ, ସପ୍ତମ ଶ୍ରେଣୀରୁ ସସ୍ମିତ ଶଶବିନ୍ଦୁ ଦାଶ, ବେଦାଂଶ ନାଏକ, ପ୍ରିୟାଂଶୀ ଜୈନ, ଅଷ୍ଟମ ଶ୍ରେଣୀରୁ ଶ୍ରେଷ୍ଠା ଦତ୍ତ, ଅମୃତାଂଶୁ ସାହୁ, ଇଶାନ ମିଶ୍ର, ନବମ ଶ୍ରେଣୀର ସ୍ୱରୂପ କୁମାର ମିଶ୍ର, ଆର୍ଯ୍ୟନ ପ୍ରିୟଦର୍ଶନ ପଣ୍ଡା ଓ ଆର୍ଯ୍ୟ ଶ୍ଳୋକ ମୁଣ୍ଡଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଯୁବୋଦୟ କଲେଜ ଅଫ୍ ଆଡଭାନ୍ସଡ୍ ଟେକ୍ନୋଲୋଜିର ଉପଅଧ୍ୟକ୍ଷ ଜଗମୋହନ ପାଢୀ ରୋବୋଟିକ୍ କ୍ଲାସ ସମ୍ପର୍କରେ ସୂଚନା ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବକୁ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ।



@ ଦୟାନନ୍ଦ



@ ଅନିଲ

ସେଲ୍ଫି କର୍ବର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com
ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିବରାତ୍ରିରେ ସାମୂହିକ ବ୍ରତୋପନୟନ



ବ୍ରତୋପନୟନ ସମୟରେ ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରାଯାଉଛି।

ସୋନପୁର,୧୮।୨(ନି.ପ୍ର.)

ଜାଗର ମେଳା ତଥା ପବିତ୍ର ମହା ଶିବରାତ୍ରି ଅବସରରେ ରାମେଶ୍ୱର ଶୈବପୀଠ ପରିସରରେ ସାମୂହିକ ବ୍ରତପନୋୟନଶନିବାର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ମଇସିଲି ମଲ୍ଲିକ ଓ ଶ୍ରୀବତ୍ସ ମଲ୍ଲିକଙ୍କ ସହଯୋଗରେ ଏହି ଧାର୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପୂଜକ ପଣ୍ଡିତ ବେଦବ୍ୟାସ ମିଶ୍ର, କାଳିଚରଣ ମିଶ୍ର, ବାସୁଦେବ ଶତପଥୀ, ରାଧେଶ୍ୟାମ ପୁରୋହିତ, ଆଶିଷ କୁମାର ମିଶ୍ର, ମଧୁସୂଦନ ଦାଶ, କରୁଣାକର ରଥ, ନୀଳମଣି ଓତା, ବିଦେଶୀ ବାବୁ ଓ ଆନନ୍ଦ ପୂଝାରୀ ପ୍ରମୁଖ ପାରମ୍ପରିକ ରୀତିନୀତି ଅନୁଯାୟୀ ବ୍ରାହ୍ମଣ ବାଳକ, ଯୁବକଙ୍କ ବ୍ରତପନୋୟନ କାର୍ଯ୍ୟ ସମ୍ପାଦନ କରିଥିଲେ। ବରଗଡର କୃଷ୍ଣା ପୂଜାହାରୀ, ସମ୍ବଲପୁର ଧୁନୁପାଲିର ରିଷି ଠକର, ବଲାଙ୍ଗୀରର ଆଶିଷ କୁମାର ମିଶ୍ର, ସୋନପୁରର ଦୀନେଶ କୁମାର ଶର୍ମା, ସୋନପୁର ବ୍ଲକ କଳାପଥରର ସ୍ୱରୂପ ରଞ୍ଜନ ପାଣିଗ୍ରାହୀ, ସର୍ଗୁଣାମୁଣ୍ଡାର ତ୍ରିପୁରାରୀ ଦାଶ, ସୁବର୍ଣ୍ଣପୁର ଜିଲା ଉମାଦେଇପାଲି ଆକାଶ କୁମାର ମିଶ୍ର, କନ୍ହେଇପାଲି ଅମ୍ଳାନଜ୍ୟୋତି ଶତପଥୀ ଓ ପଟାଭାଡିର ଆଲୋକ ପଣ୍ଡା ୯ ଜଣଙ୍କର ବ୍ରତପନୋୟନ ଲାଗି ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଗତ ୩୪ ବର୍ଷ ଧରି ଶିବରାତ୍ରିରେ ଏଭଳି ଏକ ପବିତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସୁଛି। ଏହି ଅବସରରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସୋନପୁର ଉପଜିଲାପାଳ ତଥା ଦୋବୋତ୍ତର ଅଧିକାରୀ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଜନସାଧାରଣ ଯୋଗଦେଇ ବ୍ରାହ୍ମଣ ବାଳକଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ।

### ଟ୍ରକ୍ ଚାପାରେ ନାବାଳିକା ମୃତ

କୋକସରା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଲଡୁଗାଁ ବସ୍ତି ଛକ ନିକଟରେ ଶନିବାର ଏକ ମାଲ ବୋଝେଇ ଟ୍ରକ୍ ଚାପାରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ମହାଜନଗୁଡାରୁ ଲଡୁଗାଁ ଆସୁଥିବା ଟ୍ରକ୍ (ନଂ.ସିଜି୦୪ଜି.୪୨୬୦) ଧକ୍କା ଦେଇଥିଲା। ଏଥିରେ ନାବାଳିକା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭବାନୀପାଟଣା ଜିଲା ସଦର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଳିକାଟି ଫେନ୍ସି ଦୋକାନକୁ ଆସିଥିବା ବେଳେ ଦୁର୍ଘଟଣା ଘଟିଥିଲା। ସେ ସ୍ଥାନୀୟ କଲେଜରେ ଯୁକ୍ତ ୨ରେ ପଢୁଥିବା ଜଣାପଡିଛି। ଏ ନେଇ ମୃତକଙ୍କ ବାପା ନେପାଳ ପୂଝାରୀ କୋକସରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଟ୍ରକକୁ ଜବତ କରିଛି। ଟ୍ରକ୍ ଲଡୁଗାଁର ଜଣେ ବ୍ୟବସାୟୀଙ୍କ ବୋଲି ସୂଚନା ମିଳିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୫୭/୨୩) ରୁଜୁ ହୋଇଛି।

### ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ



ଅତିଥିଙ୍କ ଦ୍ୱାରା ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

ଖଡ଼ିଆଳ,୧୮।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳଠାରେ ଶନିବାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଉପାଧ୍ୟକ୍ଷ ଶକୁନ୍ତଳା ରାଉତ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜିତ ରାଉତ, ଡାକ୍ତର ଅନ୍ନଦା ଶଙ୍କର ଦାସ, ଡାକ୍ତର ବିଜୟ କିଶୋର ଚଳାନ, ଡାକ୍ତର ଆଦିତ୍ୟ ଯୋଶୀଙ୍କ ସମେତ ବୁଦ୍ଧିଜୀବୀ ଓ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଖଡ଼ିଆଳ ସହର ଓ ଗ୍ରାମାଞ୍ଚଳ ପାଇଁ ନୂତନ ଭାବେ ୨୦୨୦ରେ ଚନାବେଡା ଗ୍ରାମଠାରେ ମା' ଓ ଶିଶୁ ଯତ୍ନ କେନ୍ଦ୍ର ଉଦଘାଟିତ ହୋଇଥିଲା। ଫଳରେ ଖଡ଼ିଆଳଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚନାବେଡାକୁ ସ୍ଥାନାନ୍ତର କରାଯାଇଥିଲା। ଖଡ଼ିଆଳ ସହରବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ୩ କି.ମି. ଚନାବେଡାକୁ ଯାଇ ଚିକିତ୍ସା ହେବାକୁ ପଡୁଥିଲା। ଫଳରେ ଖଡ଼ିଆଳ ସହରରେ ଥିବା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଖଡ଼ିଆଳ ସହରବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତୁରନ୍ତ ଖୋଲିବା ପାଇଁ ଖଡ଼ିଆଳ ସହରବାସୀ ଦାବି କରି ଆସୁଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଖଡ଼ିଆଳ ସହରରେ ତୁରନ୍ତ ଖୋଲିବା ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରି ଆସୁଥିଲେ।

# ମନ୍ଦିର ପ୍ରତିଷ୍ଠା, କୁମ୍ଭ ଭରଣ ଉତ୍ସବ ପାଳନ

ଖଡ଼ିଆଳ,,୧୮।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖାସବାହାଲ ଗ୍ରାମପଞ୍ଚାୟତ ଚଚରାଭଟା ଗ୍ରାମରେ ମା' ମାହେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଓ କୁମ୍ଭ ଭରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରମେଶ୍ୱର ଟାହାଣୀ ସହପତ୍ନୀ କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ଦୁର୍ବାଦଳ ହୋତା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ମା' ମାହେଶ୍ୱରୀ ପ୍ରତ୍ୟକ୍ଷ ଦେବୀ ଓ ଯିଏ ଯାହା ମନସ୍କାମନା କରିଥାଏ ତାହା ପୂରଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଚାଳିଶ ବର୍ଷ ତଳୁ ଚଚରାଭଟା ଗ୍ରାମରେ ମା'ଙ୍କ ପୂଜାର୍ଚ୍ଚନା ଚଳି ଆସୁଥିବା ବେଳେ ପ୍ରତି ଶନିବାର ଓ ରବିବାର ତାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଗହଳି ହୋଇଥାଏ। ପ୍ରତିବର୍ଷ ଦଶହରା ଓ ମାଘ ମାସରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ଭିଡ଼ ଜମାଇଥାନ୍ତି। ଆଗେ ଏକ ଚାଳ କୁଡ଼ିଆରେ ମା' ପୂଜା ପାଉଥିଲେ। ତାଙ୍କର ମନ୍ଦିର ପ୍ରତିଷ୍ଠା ହୋଇସାରିଥିବାରୁ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଦେବୀ ପୂଜକ ଦିବାକର ହଂସ, ଶିରା ସବନ ଟାହାଣୀ, ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା, ଗୌରାଙ୍ଗ ବନଛୋର, ହରି ଟାହାଣୀ, ଥବିର ଟାହାଣୀ, ଦୁର୍ଯ୍ୟୋଧନ ହଂସ, ସୁଶାନ୍ତ ନିଆଲ, ଶଙ୍କର ଚଣ୍ଡୀ, ଟଙ୍କ ନିଆଲ, ସନ୍ତୋଷ ନିଆଲ, ଟିପାରି ନିଆଲ, ତିଲେକରାମ ଘିଭେଲା, କେଶବ ହଂସ, ବିଶିକେସନ ଟାହାଣୀ, ରୂପଧର ବନ୍ଦୀଛୋର ଆଦି ସହଯୋଗ କରିଥିଲେ।

### ସ୍ମୃତିସଭାରେ ଦାମୋଦର ଯୋଶୀଙ୍କ ସ୍ମୃତିଚାରଣ

ବେଲପଡା, ୧୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକର ବିଜେଡିର ବରିଷ୍ଠ ନେତା ଦାମୋଦର ଯୋଶୀଙ୍କ ଗତ ୧୦ତାରିଖରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏ ନେଇ ଶନିବାର ଯୋଶୀଙ୍କ ଗାଁ ରାଡ଼ବାହାଲରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଗତ ଯୋଶୀଙ୍କ ସାମାଜିକ ଜୀବନର ସ୍ମୃତିଚାରଣ କର ଯାଇଥିଲା। କାର୍ଯ୍ୟକ୍ରମରେ ଗଣେଶ କୁମ୍ଭାର, ଆଲୋକ ପାଣିଗ୍ରାହୀ, ମଣ୍ଡଳ ସରପଞ୍ଚ ସରୋଜ ସେଠ, ଶିବାନନ୍ଦ ପରିଛା, କୁନା ପାଢ଼ୀ, ଜୟରାମ ମହାନନ୍ଦ, ଶୋଭାଙ୍ଗିନୀ ନିଆଲ, ପିଙ୍କୁ ପାଣିଗ୍ରାହୀ, ଜଗନ୍ନାଥ ଖମାରି, ସରୋଜ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଢୀଆଈ ଫୁଟବଲ: ହାତୀସରା ଚାମ୍ପିୟନ

ଦେଓଗାଁ, ୧୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଯୁବକ ସଂଘ ତରଫରୁ ଅନୁଷ୍ଠିତ ତୃତୀୟ ବୁଢୀଆଈ ଫୁଟବଲ ଟୁର୍ନାମେଣ୍ଟର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ହାତୀସରା ଓ ଅନ୍ତର୍ଲା ମଧ୍ୟରେ ହୋଇଥିଲା। ଏଥିରେ ୪-୧ ଗୋଲରେ ହାତୀସରା ଦଳ ବିଜୟୀ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ମୁଖ୍ୟ ଅତିଥି ଓ ବ୍ଲକ ଏଏଚଓ ବ୍ରିଜକ କୁମାର ଦାସ, ଲୋଇସିଂହା ଏଏଚଓ ସମ୍ବିଧାନ ଭୋଇ, ଦେଓଗାଁ ରେଲୱେ ଷ୍ଟେଶନ ପରିଚାଳକ ସନ୍ତୋଷ କୁମାର ମିଶ୍ର ଓ ଗ୍ରାମ୍ୟ କମିଟି ସଭାପତି ଶେଷଦେବ ନାଗ ପ୍ରମୁଖ ଯୋଗଦେଇଥିଲେ।




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ବିସ୍ଥାପନ ପୂର୍ବରୁ ଘରଭଡା ବଣ୍ଟନ କଲେ ପୌରାଧ୍ୟକ୍ଷା

ବଲାଙ୍ଗୀର ଅଫିସ, ୧୮।୨

ମହାରାଣୀ ସାଗର ପ୍ରକଳ୍ପ ପାଇଁ ବିସ୍ଥାପିତ ହେବାକୁ ଥିବା ପରିବାରଙ୍କୁ ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ଜାଗା ମିଶନ ଜରିଆରେ ଆବାସ ଘର ପ୍ରଦାନ ପୂର୍ବରୁ ଘରଭଡା ବାବଦକୁ ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟୁନିସିପାଲିଟିର ଏଭଳି ପଦକ୍ଷେପକୁ ରାଜ୍ୟରେ ପ୍ରଥମ ବୋଲି କୁହାଯାଇଥିବାବେଳେ ଏଥିସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଯାଇଥିଲା। ଶନିବାର ବଲାଙ୍ଗୀର ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁଙ୍କ ସମେତ ସମସ୍ତ କାଉନସିଲର ପୁନରୁଦ୍ଧାର ହେବାକୁ ଥିବା ମହାରାଣୀ ସାଗର ତୁଳସୀ ନଗର (ଖ) ର ୧୬ ପରିବାର ଲୋକଙ୍କୁ ପଟ୍ଟା ଦେଇ ଜାଗା ମିଶନ ଜରିଆରେ ଆବାସ ଘର ପ୍ରଦାନ ପୂର୍ବରୁ ୪ ମାସର ଘରଭଡା ବାବଦରେ ୧୨ ହଜାର ଟଙ୍କା



ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ପୌରାଧ୍ୟକ୍ଷା ଲିକା ସାହୁ ଘରଭଡା ବଣ୍ଟନ କରୁଛନ୍ତି।

ପ୍ରଦାନ କରିଥିବା ଜଣାପଡିଛି। ବିସ୍ଥାପିତ ହେବାକୁ ଥିବା ଏହି ପରିବାର ଅନୁଦାନ ପାଇବା ପରେ ଖୁସି ପ୍ରକାଶ କରିଛନ୍ତି। ଏହି ଅବସରରେ ପୌରାଧ୍ୟକ୍ଷା ସାହୁ କହିଛନ୍ତି ଯେ, ଏହି ପଦକ୍ଷେପ ହେଉଛି ମାନବିକତା ଓ ମହାନତାର ପଦକ୍ଷେପ। ଓଡିଶାରେ ପ୍ରଥମ ଥର ପାଇଁ ଏହା ଏକ ନିଆରା ପଦକ୍ଷେପ ଯାହାକି ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶ ଓ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତିରର ପ୍ରତୀକ ଭାବେ ସୂଚିତ କରୁଛି। ସ୍ୱାଭିମାନର ସହ ଲୋକେ ନିଜସ୍ୱ ଘର ପାଆନ୍ତୁ ବୋଲି ପୌର ପରିଷଦ ସ୍ଥିର କରିଛି ଏବଂ ଆମ ସରକାର, ଜିଲା ପ୍ରଶାସନ ମଧ ଏଥିରେ ସହଯୋଗ କରୁଛନ୍ତି ବୋଲି କହିବା ସହିତ ସମସ୍ତ କାଉନସିଲର ମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନିଷ୍ଠା, ଭକ୍ତିରେ ମହାଶିବରାତ୍ରି ପାଳିତ


ଖୁଜେନପାଲି ଧବଳେଶ୍ୱର ବାବା ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

**ବଲାଙ୍ଗୀର ଅଫିସ, ୧୮।୨:** ବଲାଙ୍ଗୀର ଜିଲାର ପ୍ରସିଦ୍ଧ ଶୈବପୀଠରେ ଶନିବାର ପବିତ୍ର ମହାଶିବରାତ୍ରି ପାଳିତ ହୋଇଯାଇଛି। ଭୋର ୩ଟାରୁ ଶୈବପୀଠ ଗୁଡିକରେ ଭକ୍ତଙ୍କ ଭିଡ ଓ ସମାଗମ ଦେଖିବାକୁ ମିଳିଥିଲା। ଜିଲାର ପ୍ରସିଦ୍ଧ ଶୈବପୀଠ ହରିଶଙ୍କର, ରାଣୀପୁର-ଝରିଆଲ ସ୍ଥିତ ସୋମେଶ୍ୱର ମନ୍ଦିର, କୁମୁଡାପାହାଡ ସ୍ଥିତ ଶିବମନ୍ଦିର, ଯୋଗୀସର୍ଡାର ଯୋଗେଶ୍ୱର ବାବା, ସାନଟିକାର ଜଳେଶ୍ୱର ବାବା ମନ୍ଦିରରେ ମହାଉତ୍ସାହର ସହ ମହାଶିବରାତ୍ରି ପାଳିତ ହୋଇଛି। ବଲାଙ୍ଗୀର ସହରର ଲୋକନାଥ ମନ୍ଦିର, ସାଗରପଡା ଶିବମନ୍ଦିର, ରେଲୱେ ଷ୍ଟେଶନ୍ ଶିବମନ୍ଦିର, ଖୁଜେନପାଲି ଧବଳେଶ୍ୱର ବାବା, ଆନନ୍ଦ ନିକେତନ ସ୍ଥିତ ବିଶ୍ୱାତ୍ମ ଚେତନା ପରିସର ମନ୍ଦିର ଓ ତୁଳସୀନଗର ତ୍ରିଙ୍ଗେଶ୍ୱର ବାବା ମନ୍ଦିରରେ ମହାଶିବରାତ୍ରି ପାଳନ କରାଯାଇଛି। ଖୁଜେନପାଲି ଶିବମନ୍ଦିରରେ ବିକ୍ରମାନନ୍ଦ ବହିଦାର, ସଂଗ୍ରାମ ବହିଦାର ଏବଂ ଖୁଜେନପାଲି ପୂଜା କମିଟି ସଭ୍ୟଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ଶିବରାତ୍ରି ସମାପନ ହୋଇଥିଲା। ରାତି ୧୦ଟାରେ ସହସ୍ରାଧିକ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିଥିଲେ। ସାଗରପଡା ବାଲୁକେଶ୍ୱର ଶିବମନ୍ଦିରରେ କର୍ତ୍ତା ଭାବେ ସୁମିତ ପୁରୋହିତ ଓ ପୟୋସ୍ୱିନୀ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। କମିଟି ସଦସ୍ୟ ଗୌରଚନ୍ଦ୍ର ପୁରୋହିତ, ସୁଦାମ ଆଚାର୍ଯ୍ୟ, କୃଷ୍ଣ ଆଚାର୍ଯ୍ୟ, ସଞ୍ଜୟ ଚନ୍ଦନ, ପୂଜକ ନବ ଥନାପତି ଉପସ୍ଥିତ ରହି ପୂଜା ପରିଚାଳନାରେ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ଗ୍ରାମରେ ଥିବା ଶୈବପୀଠରେ ଶାନ୍ତିଶୃଙ୍ଖଳାର ସହ ପୂଜା ସମାପନ ହୋଇଥିଲା।

### ଲେଖିକା ସରସ୍ୱତୀ ମିଶ୍ରଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୮।୨:** ବଲାଙ୍ଗୀର ଆନନ୍ଦ ନଗର ନିବାସୀ ପଣ୍ଡିତ ନରୋତ୍ତମ



ମିଶ୍ରଙ୍କ ସ୍ତ୍ରୀ ସରସ୍ୱତୀ ମିଶ୍ର (୯୩)ଙ୍କ ପରଲୋକ ହୋଇଛି। ଜଣେ ମିଷ୍ଟଭାଷୀ, ମେଳାପୀ ଏବଂ ସୁଲେଖିକା ଭାବେ ସେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ନୀଳକଣ୍ଠ, ନିରଞ୍ଜନ, ନିମାଁଇ ଚରଣ, ଝିଅ ନଳିନୀ, ପଦ୍ମିନୀ, ସୁଜ୍ଞାନୀ ଓ ସୁରୁଚି, ଜ୍ୱାଇଁ ତ୍ରିଭୁବନ ଦାସ ଓ ରାଜେନ୍ଦ୍ର ପଣ୍ଡା, ନାତି ନିର୍ମଳ, ନିର୍ଲିପ୍ତ, ଶୋଭନ, ପ୍ରିୟତୋଷ ଓ ସୁମିତ ଉପସ୍ଥିତ ଥିଲେ। ପୁତ୍ର ନିମାଁଇ ଚରଣ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ମିଶ୍ରଙ୍କ ବିୟୋଗରେ ବହୁ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

### ଆଦର୍ଶ ଶିକ୍ଷକ ହରିହର ଶତପଥୀଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୧୮।୨:** ବଲାଙ୍ଗୀର



ସହରର ଆଦର୍ଶ ଶିକ୍ଷକ ହରିହର ଶତପଥୀ (୮୫) ଶନିବାର ମହାଶିବରାତ୍ରି ସନ୍ଧ୍ୟାରେ ପରଲୋକ ହୋଇଛି। ଜଣେ ନୀତିନିଷ୍ଠ ଶିକ୍ଷକ ଭାବେ ସେ ସୁନାମ ଅର୍ଜନ କରିଥିଲେ। ଛାତ୍ରବତ୍ସଳ ଶିକ୍ଷକ ହୋଇଥିବାରୁ ଅଭିଭାବକଙ୍କ ପ୍ରିୟଭାଜନ ମଧ୍ୟ ହୋଇପାରିଥିଲେ। ସେ ଦୀର୍ଘ ବର୍ଷ ଧରି ସେ ପକ୍ଷଘାତରେ ପୀଡିତ ହୋଇଥିଲେ। ମୃତ୍ୟୁବେଳକୁ ଦୁଇ ପୁଅ ପ୍ରଶାନ୍ତ, ସୁଶାନ୍ତ, ବୋହୂ, ଦୁଇ ଝିଅ ପ୍ରତିଭା ଓ କଲ୍ୟାଣୀ, ନାତି, ନାତୁଣୀ ଉପସ୍ଥିତ ଥିଲେ। ବିଭୂତିପଡ଼ା ଶ୍ମଶାନ ଘାଟ ଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

# ସମୟୋଚିତ ଶିକ୍ଷା ସମୟର ଆହ୍ୱାନ

**ବଲାଙ୍ଗୀର ଅଫିସ, ୧୮।୨**

ଶୈକ୍ଷିକ ବାତାବରଣ ସହ ସମୟୋଚିତ ଶିକ୍ଷା ଆଜି ସମୟର ଆହ୍ୱାନ। ଏହାକୁ ଅନୁସରଣ ନ କଲେ ଛାତ୍ରୀଛାତ୍ର ପ୍ରତିଯୋଗିତାମୂଳକ ସମୟରେ ନିଜକୁ ଉପଯୁକ୍ତ ଭାବେ ଗଢିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଯୁବୋଦୟ ପକ୍ଷରୁ ଆରମ୍ଭ କରାଯାଇଛି ଯୁବୋଦୟ ଜୁନିୟର ଚାମ୍ପ। ତୃତୀୟ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ବୋର୍ଡ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷିକାସ୍ତରର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରାୟ ତିନି ଶହରୁ ଅଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେହି ପରୀକ୍ଷାର ଫଳାଫଳ ଶନିବାର ଘୋଷଣା କରାଯାଇ ପ୍ରତ୍ୟେକ ଶ୍ରେଣୀରୁ ଶ୍ରେଷ୍ଠ ତିନିଜଣଙ୍କୁ ଅର୍ଥ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ବଲାଙ୍ଗୀର ଟାଉନ ହଲରେ ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ମୁଖ୍ୟବକ୍ତାଭାବେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଯୁବୋଦୟ



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଶିକ୍ଷାକ୍ଷେତ୍ରରେ ଏପରି ପ୍ରତିଯୋଗିତା ଆୟୋଜିତ କରି ଛାତ୍ରୀଛାତ୍ରୀଙ୍କ ଜ୍ଞାନବୃଦ୍ଧି କରିବା ସହ ବୈଶ୍ୱିକ ସ୍ତରରେ ପ୍ରତିଭାଗୀ ହେବାକୁ ପ୍ରସ୍ତୁତ କରିବାରେ ସହାୟକ ଭୂମିକା ନିର୍ବାହ କରୁଛି ବୋଲି ଅତିଥିମାନେ କହିଥିଲେ। ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଯୁବୋଦୟ ପବ୍ଲିକ୍ ସ୍କୁଲ୍ ବିଭିନ୍ନ ଶିକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେବା ସହ ଏପରି ପ୍ରତିଯୋଗିତା ପ୍ରଥମ ଥର ପାଇଁ ଆୟୋଜନ କରାଯାଇଛି ଓ ଆଗକୁ ପ୍ରତିବର୍ଷ ଏପରି ପ୍ରତିଯୋଗିତା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଥିଲେ। ଆସନ୍ତା ସୋମବାରଠାରୁ ପ୍ରତି ଶ୍ରେଣୀ ଛାତ୍ରୀଛାତ୍ର ମାନଙ୍କ ପାଇଁ ରୋବୋଟିକ୍ କ୍ଲାସ ହେବା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଯୁବୋଦୟ ଜୁନିୟର ଚାମ୍ପରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଭାଗୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ତୃତୀୟ ଶ୍ରେଣୀରେ ପ୍ରତୀକ୍ଷା ପ୍ରିୟଦର୍ଶିନୀ ପ୍ରଥମ, ଆର୍ଯ୍ୟମାନ ସିଂଦେଓ

### ଯୁବୋଦୟ ଜୁନିୟର ଚାମ୍ପ ପୁରସ୍କାର ବିତରଣ

ଦ୍ୱିତୀୟ, ଶ୍ଳୋକ ଅମ୍ରିତ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିବାରୁ ପୁରସ୍କାର କରାଯାଇଥିଲା। ଚତୁର୍ଥ ଶ୍ରେଣୀର ସୌଭାଗ୍ୟ ରାଉତ, ସାଇ ସଂକଳ୍ପ ସାମନ୍ତ, ପ୍ରୀତୀଶ ଦାଶ, ପଞ୍ଚମ ଶ୍ରେଣୀର ଆତ୍ମଜା ପଣ୍ଡା, ପ୍ରିୟାଂଶୀ ମିଶ୍ର, ସାଇ ଚନ୍ଦନ ମହାନ୍ତି, ଷଷ୍ଠ ଶ୍ରେଣୀରୁ ଅନିକେତ ତ୍ରିପାଠୀ, ଅବିନାଶ ଅଗ୍ରୱାଲ, କାବ୍ୟାଞ୍ଜଳି ପ୍ରଧାନ, ସପ୍ତମ ଶ୍ରେଣୀରୁ ସସ୍ମିତ ଶଶବିନ୍ଦୁ ଦାଶ, ବେଦାଂଶ ନାଏକ, ପ୍ରିୟାଂଶୀ ଜୈନ, ଅଷ୍ଟମ ଶ୍ରେଣୀରୁ ଶ୍ରେଷ୍ଠା ଦତ୍ତ, ଅମୃତାଂଶୁ ସାହୁ, ଇଶାନ ମିଶ୍ର, ନବମ ଶ୍ରେଣୀର ସ୍ୱରୂପ କୁମାର ମିଶ୍ର, ଆର୍ଯ୍ୟନ ପ୍ରିୟଦର୍ଶନ ପଣ୍ଡା ଓ ଆର୍ଯ୍ୟ ଶ୍ଳୋକ ମୁଣ୍ଡଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଯୁବୋଦୟ କଲେଜ ଅଫ୍ ଆଡଭାନ୍ସଡ୍ ଟେକ୍ନୋଲୋଜିର ଉପଅଧ୍ୟକ୍ଷ ଜଗମୋହନ ପାଢୀ ରୋବୋଟିକ୍ କ୍ଲାସ ସମ୍ପର୍କରେ ସୂଚନା ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବକୁ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଦୟାନନ୍ଦ


@ ଅନିଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚଳଚଞ୍ଚଳ ଶୈବପୀଠ, ମଙ୍ଗଳମନାସି ଦୀପ ଜାଳିଲେ ଶ୍ରଦ୍ଧାଳୁ

**ସୁନ୍ଦରଗଡ଼, ୧୮।୨(ଡି.ଏନ୍.ଏ.)**

ମହାଶିବରାତ୍ରୀ ତଥା ଜାଗରଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ସୁନ୍ଦରଗଡ଼ ଜିଲାର ବିଭିନ୍ନ ଶୈବପୀଠ। ସୁନ୍ଦରଗଡ଼ ସହରରେ ଥିବା ଇବ୍ ନଗର ବାବା ନୀଳକଣ୍ଠେଶ୍ୱର, ମହାଦେବପଡାସ୍ଥିତ ଶିବ ମନ୍ଦିର, ସଦରବ୍ଲକର ଗୁରାବସା, ଟାଙ୍ଗରପାଲି ବ୍ଲକର ବେଲସରା ଶୈବପୀଠ, ସବଡେଗା ବ୍ଲକର ଶୁଖା ମହାଦେବ ଆଦି ବିଭିନ୍ନ ଶୈବପୀଠଗୁଡିକରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଝାପଡାସ୍ଥିତ ମେଢେଶ୍ୱର, ଗୁରାବସା ଓ ବେଲସରା, ଶୁଖାମହାଦେବ ଶିବମନ୍ଦିରରେ ଏହି ଅବସରରେ ସ୍ୱତନ୍ତ୍ର ମେଳା ବସିଥିଲା। ଏଥିରେ ସୁନ୍ଦରଗଡ଼ ଜିଲା ସମେତ ପଡୋଶୀ ଝାରସୁଗୁଡା, ସମ୍ବଲପୁର, ଛତିଶଗଡ ଅଞ୍ଚଳର ଶ୍ରଦ୍ଧାଳୁମାନେ ମନ୍ଦିରରେ ମଙ୍ଗଳମନାସି ଦୀପ ଜାଳିଥିଲେ। ଶ୍ରଦ୍ଧାଳୁମାନେ ରାତି ଉଜାଗର ରହି ଶୈବପୀଠ ଗୁଡିକରେ ଦୀପ ଜାଳିଥିଲେ।



ଶୈବପୀଠରେ ଭକ୍ତମାନେ ଦୀପ ଜାଳୁଛନ୍ତି।

## ଟ୍ରକ୍ ଚାପାରେ ନାବାଳିକା ମୃତ

**କୋକସରା, ୧୮।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ଲଡୁଗାଁ ବସ୍ତି ଛକ ନିକଟରେ ଶନିବାର ଏକ ମାଲ ବୋଝେଇ ଟ୍ରକ୍ ଚାପାରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ମହାଜନଗୁଡାରୁ ଲଡୁଗାଁ ଆସୁଥିବା ଟ୍ରକ୍ (ନଂ.ସିଜି୦୪ଜି.୪୨୬୦) ଧକ୍କା ଦେଇଥିଲା। ଏଥିରେ ନାବାଳିକା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭବାନୀପାଟଣା ଜିଲା ସଦର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଳିକାଟି ଫେନ୍ସି ଦୋକାନକୁ ଆସିଥିବା ବେଳେ ଦୁର୍ଘଟଣା ଘଟିଥିଲା। ସେ ସ୍ଥାନୀୟ କଲେଜରେ ଯୁକ୍ତ ୨ରେ ପଢୁଥିବା ଜଣାପଡିଛି। ଏ ନେଇ ମୃତକଙ୍କ ବାପା ନେପାଳ ପୂଝାରୀ କୋକସରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଟ୍ରକକୁ ଜବତ କରିଛି। ଟ୍ରକ୍ ଲଡୁଗାଁର ଜଣେ ବ୍ୟବସାୟୀଙ୍କ ବୋଲି ସୂଚନା ମିଳିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୫୭/୨୩) ରୁଜୁ ହୋଇଛି।

## ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍ଘାଟିତ


ଅତିଥିଙ୍କ ଦ୍ୱାରା ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଉଦ୍ଘାଟନ କରାଯାଉଛି।

**ଖଡ଼ିଆଳ, ୧୮।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳଠାରେ ଶନିବାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍ପି ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏନ୍ଏସି ଉପାଧ୍ୟକ୍ଷ ଶକୁନ୍ତଳା ରାଉତ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜିତ ରାଉତ, ଡାକ୍ତର ଅନ୍ନଦା ଶଙ୍କର ଦାସ, ଡାକ୍ତର ବିଜୟ କିଶୋର ଚଳାନ, ଡାକ୍ତର ଆଦିତ୍ୟ ଯୋଶୀଙ୍କ ସମେତ ବୁଦ୍ଧିଜୀବୀ ଓ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଖଡ଼ିଆଳ ସହର ଓ ଗ୍ରାମାଞ୍ଚଳ ପାଇଁ ନୂତନ ଭାବେ ୨୦୨୦ରେ ଚନାବେଡା ଗ୍ରାମଠାରେ ମା' ଓ ଶିଶୁ ଯତ୍ନ କେନ୍ଦ୍ର ଉଦଘାଟିତ ହୋଇଥିଲା। ଫଳରେ ଖଡ଼ିଆଳଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚନାବେଡାକୁ ସ୍ଥାନାନ୍ତର କରାଯାଇଥିଲା। ଖଡ଼ିଆଳ ସହରବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ୩ କି.ମି. ଚନାବେଡାକୁ ଯାଇ ଚିକିତ୍ସା ହେବାକୁ ପଡୁଥିଲା। ଫଳରେ ଖଡ଼ିଆଳ ସହରରେ ଥିବା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଖଡ଼ିଆଳ ସହରବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତୁରନ୍ତ ଖୋଲିବା ପାଇଁ ଖଡ଼ିଆଳ ସହରବାସୀ ଦାବି କରି ଆସୁଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଖଡ଼ିଆଳ ସହରରେ ତୁରନ୍ତ ଖୋଲିବା ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରି ଆସୁଥିଲେ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିବରାତ୍ରି ପାଳିତ

**କୁତ୍ରା, ୧୮।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାଖା ପକ୍ଷରୁ ମହା ଶିବରାତ୍ରି ପାଳିତ ହୋଇଯାଇଛି। ଏହି ଅବସରରେ ବିଶେଷ ଅତିଥି ଭାବେ ପୂର୍ବତନମନ୍ତ୍ରୀ ମଙ୍ଗଳା କିଷାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଈଶ୍ୱରୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରତ୍ୟେକ ମଣିଷ ମଧ୍ୟରେ ଆଧ୍ୟାତ୍ମିକ ଚିନ୍ତାଧାରା ରହିବା ଉଚିତ ବୋଲି ଅତିଥିମାନେ ପ୍ରକାଶ କରିବା ସହ ଏଥିପ୍ରତି ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଥିବାରୁ ସାଧୁବାଦ ଜଣାଇଥିଲେ। ଏହା ସହ ଏହି ଅବସରରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଆଧ୍ୟାତ୍ମିକ ଚିନ୍ତା ଧାରା ରଖି ସମାଜରେ ସଦଭାବନା ସୃଷ୍ଟି ପାଇଁ ଶପଥ ଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ବ୍ରହ୍ମାକୁମାରୀ ଭୁବନେଶ୍ୱରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ସଂସ୍ଥାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଶିବରାତ୍ରି ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସ୍ମୃତିସଭାରେ ଦାମୋଦର ଯୋଶୀଙ୍କ ସ୍ମୃତିଚାରଣ

**ବେଲପଡା, ୧୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକର ବିଜେଡିର ବରିଷ୍ଠ ନେତା ଦାମୋଦର ଯୋଶୀଙ୍କ ଗତ ୧୦ତାରିଖରେ ହୃଦ୍ଘାତ ରେ ପରଲୋକ ହୋଇଯାଇଛି । ଏ ନେଇ ଶନିବାର ଯୋଶୀଙ୍କ ଗାଁ ରାଡ଼ବାହାଲରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଗତ ଯୋଶୀଙ୍କ ସାମାଜିକ ଜୀବନର ସ୍ମୃତିଚାରଣ କର ଯାଇଥିଲା। କାର୍ଯ୍ୟକ୍ରମରେ ଗଣେଶ କୁମ୍ଭାର, ଆଲୋକ ପାଣିଗ୍ରାହୀ, ମଣ୍ଡଳ ସରପଞ୍ଚ ସରୋଜ ସେଠ, ଶିବାନନ୍ଦ ପରିଛା, କୁନା ପାଢ଼ୀ, ଜୟରାମ ମହାନନ୍ଦ, ଶୋଭାଗିନୀ ନିଆଲ, ପିଙ୍କୁ ପାଣିଗ୍ରାହୀ, ଜଗନ୍ନାଥ ଖମାରି, ସରୋଜ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**କୋଲାବିରା, ୧୮।୨(ଡି.ଏନ.ଏ.)**

କୋଲାବିରାସ୍ଥିତ ନୃପଲାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏବିଇଓ ନିର୍ମଳା ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ ପଟେଲ ମୁଖ୍ୟବକ୍ତା ଓ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, କୋଲାବିରା ସରପଞ୍ଚ ଚେତାନନ୍ଦ ନଇ, ସମିତି ସଭ୍ୟ ଦିନବନ୍ଧୁ ଧୁରୁଆ, ପରିଚାଳନା କମିଟି ସଭାପତି ମନବୋଧ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ଫାଇନାଲରେ ପେଣ୍ଟର୍ ଓ ଲିଓ

### ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ କ୍ରିକେଟ

**ବେଲପାହାଡ଼, ୧୮।୨(ଡି.ଏନ.ଏ.)**

ବେଲପାହାଡ ଟିଆର୍ଏଲ୍ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ କିଶୋର ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦୁଇଟି ସେମିଫାଇନାଲ ମ୍ୟାଚ ପରେ ପେଣ୍ଟର ଓ ଲିଓ ଟିମ୍ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ସେମି ଫାଇନାଲ ମ୍ୟାଚ କରିମ ସ୍ପୋର୍ଟିଂ ନାଗପୁର ଓ ଆୟୋଜକ ପେଣ୍ଟର୍ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ପେଣ୍ଟର୍ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ କରିଥିଲା। ଜବାବରେ କରିମ ସ୍ପୋର୍ଟିଂ ଦଳ ୧୬.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୦ ରନ କରି ମ୍ୟାଚ ହାରିଯାଇଥିଲା। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଲିଓ ୟୁଥ୍ ଆସୋସିଏଶନ ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଖେଳାଯାଇଥିଲା। ଲିଓ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ କରିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୬ଉଇକେଟ ବିନିମୟରେ ସମାନ ୧୩୭ ରନ କରି ମ୍ୟାଚ ଡ୍ର କରିଥିଲା। ବୋଲ ଆଉଟ ଦ୍ୱାରା ଲିଓ ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ପେଣ୍ଟର ଓ ଲିଓ ମଧ୍ୟରେ ରବିବାର ଫାଇନାଲ ମ୍ୟାଚ ଖେଳାଯିବ। ବିଭୂତି ପାତ୍ର ଓ ପ୍ରଭଞ୍ଜନ ଭୋଳ ଅମ୍ପାୟାର ଭାବରେ ଖେଳ ପରିଚାଳନା କରିଥିଲେ। ରାଜକିଶୋର ରାଉତ ଓ ଅସିମ ଗୁରୁ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।


ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳି।

